

যা দেবী সর্বভূতেষু............


নিরপেক্ষ দৈনিক সম্বাদপত্র

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୯ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 OCTOBER 2020
Vol.No. 30 ■ No. 266 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


## ସୁବର୍ଣ୍ଣପୁର ଜିଲ୍ଲାରେ ଏସଟିଏଫ୍ ଦ୍ୱାରା ବଜ୍ରକାପ୍ତା ଉଦ୍ଧାର: ଦୁଇ ଗିରଫ

ଭୁବନେଶ୍ୱର,୧୮।୧୦ (ନି.ପ୍ର): ଓଡ଼ିଶା କ୍ରାଇମ ବ୍ରାଂଚ ସ୍ପେସାଲ୍ ଟାସ୍କ ଫୋର୍ସ (ଏସଟିଏଫ୍) ଏକ ବଜ୍ରକାପ୍ତା ଉଦ୍ଧାର କରିଥିବା ଜଣା ପଡିଛି । ଏସଟିଏଫ ସୁବର୍ଣ୍ଣପୁର ଜିଲ୍ଲାର ରାଜାକୋଠି ନିକଟରେ ଏହାକୁ ଉଦ୍ଧାର କରିଛି । ଏହା ବାଦ ୫ କିଲୋଗ୍ରାମ୍ ୬୫ ଗ୍ରାମ୍ ଓଜନର ବଜ୍ରକାପ୍ତା କାତି ମଧ ଜବତ କରା ଯିବା ସହ ଏସଟିଏଫ୍ ଦୁଇଜଣଙ୍କୁ ଗିରଫ କରିଥିବା ଜଣା ପଡିଛି । ପ୍ରାପ୍ତ ସୂଚନା ଅନୁଯାୟୀ ରାଜାକୋଠି ନିକଟରେ ଥିବା ମହାନଦୀ ବନ୍ଧ ଉପରୁ ବଜ୍ରକାପ୍ତା କାତି ସହିତ ବଜ୍ରକାପ୍ତା ଚୋରା ଚାଲାଣ କରାଯାଉଥିବାର କୌଣସି ସୂତ୍ରରୁ ଖବର ମିଳିଥିଲା । ଏହି ଖବର ପାଇ ଏସଟିଏଫ୍ ପକ୍ଷରୁ ଘଟଣାସ୍ଥଳରେ ଚଢଉ କରାଯାଇ ସେଠାରୁ ୫ କିଲୋଗ୍ରାମ୍ ୬୫ ଗ୍ରାମ୍ ଓଜନର ବଜ୍ରକାପ୍ତା କାତି ସହିତ ଏକ ଜୀବନ୍ତ ବଜ୍ରକାପ୍ତା ଜବତ କରାଯାଇଥିଲା ।



# ମାଡ଼ିଆସୁଛି ଲଘୁଚାପ

## ୫ ଦିନ ଧରି ଭିଜିବ ରାଜ୍ୟ



ଭୁବନେଶ୍ୱର,୧୮।୧୦ (ନି.ପ୍ର): ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସମୁଦ୍ର ପତନ ଠାରୁ ୨.୧ କିମି ଏବଂ ୫.୮ କିମି ଉଚ୍ଚରେ ଥିବା ଘୁର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୨୪ଘଂଟାରେ ସେହି ଅଂଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ପରବର୍ତୀ ୨୪ଘଂଟାରେ ତାହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହାର ପ୍ରଭାବରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡିଶା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି ସହ ବର୍ଷା ହୋଇପାରେ । ଲଘୁଚାପ ପ୍ରଭାବରେ ଆଗାମୀ ୨୪ ଘଂଟା ମଧରେ କିଛି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଉପକୂଳ ଓଡିଶା ସମେତ ମୟୁରଭଞ୍ଜ, ଢ଼େଙ୍କାନାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଆଦି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୧୯ରୁ ୨୦ ତାରିଖ ମଧରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନାକୁ ଦେଖି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୦ରୁ ୨୧ ତାରିଖ ମଧରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ▶▶ପୃଷ୍ଠା ୭

## ପୁନର୍ବାର ବିଜୟ ପାଇଁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୮ ଅକ୍ଟୋବର (ହି.ସ.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନଙ୍କୁ ପୁନର୍ବାର ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏକ ଟ୍ୱିଟରେ କହିଛନ୍ତି, 'ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନଙ୍କୁ ପୁନର୍ବାର ବିଜୟ ପାଇଁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଗତବର୍ଷ ଆମ ସାକ୍ଷାତକୁ ମନେ ପକାଉଛି ଏବଂ ଉଭୟେ ମିଳିମିଶି ଭାରତ-ନ୍ୟୁଜିଲାଣ୍ଡ ସମ୍ପର୍କକୁ ଏକ ଉଚ୍ଚ ସ୍ତରକୁ ନେଇଯିବା ନେଇ ଆଶା କରୁଛି ।

## ୩୩ ଜିଲ୍ଲା ସଭାପତିଙ୍କୁ ନିଯୁକ୍ତି ଦେଲା କଂଗ୍ରେସ




ଭୁବନେଶ୍ୱର,୧୮।୧୦ (ନି.ପ୍ର): କଂଗ୍ରେସ ରବିବାର ଦିନ ୩୩ ଟି ସାଂଗଠନିକ ଜିଲ୍ଲାପାଇଁ ଜିଲ୍ଲା ସଭାପତି ଘୋଷଣା କରିଛି । ଏଆଇସିସି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଭୁବନେଶ୍ୱର ଜିଲ୍ଲା ସଭାପତି ଭାବେ ବିଶ୍ୱଜିତ ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ , କଟକ ଜିଲ୍ଲା ପାଇଁ ମାନସ ଚୌଧୁରୀ, କଟକ ସହର ପାଇଁ ଗିରିବାଳା ବେହେରା, ଗଞ୍ଜାମ ପାଇଁ ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା ପାଇଁ ଅଂଶୁମାନ ମହାନ୍ତି, ଖୋର୍ଦ୍ଧା ପାଇଁ ବିଧାୟକ ସୁରେଶ ରାଉତରାୟ, କୋରାପୁଟ ପାଇଁ ମିନାକ୍ଷୀ ବାହିନୀପତି, ରାଉରକେଲା ପାଇଁ ଜର୍ଜ ତିର୍କୀଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଅନୁଗୁଳ ପାଇଁ ବିପ୍ଳବ ଜେନା, ବଲାଙ୍ଗୀର ପାଇଁ ଦିଲ୍ଲୀପ କୁମାର ବେହେରା, ବରଗଡ ପାଇଁ ନିହାର ମହାନନ୍ଦ, ବାଲେଶ୍ୱର ପାଇଁ ସଂଜୀବ ଗିରି, ଭଦ୍ରକ ପାଇଁ ସୁବ୍ରତ ଦାସ, ବୌଦ୍ଧ ପାଇଁ ନବ କିଶୋର ମିଶ୍ର, ଦେବଗଡ ପାଇଁ ଉମାଶଙ୍କର ସାହୁ, ଢେଙ୍କାନାଳ ପାଇଁ ସରୋଜ ପଟ୍ଟନାୟକ, ଗଜପତି ପାଇଁ ଦାଶରଥୀ ଗମାଙ୍ଗ , ଜଗତସିଂହପୁର ପାଇଁ ନଟବର ବାରିକ , ଝାରସୁଗୁଡା ପାଇଁ ଭରତ ଅବସ୍ଥି, କନ୍ଧମାଳ ପାଇଁ ଅନାମ ନାୟକ, କେନ୍ଦୁଝର ପାଇଁ ବିପ୍ଳବ ମିଶ୍ର, ମୟୁରଭଂଜ ପାଇଁ ହେମନ୍ତ ଦାସ, ▶▶ପୃଷ୍ଠା ୭

## ୭୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ଭୁବନେଶ୍ୱର,୧୮।୧୦ (ନି.ପ୍ର): କୋରାପୁଟ ଜିଲ୍ଲାରେ ଚୋରା ଚାଲାଣ ବେଳେ ସାତ କ୍ୱିଂଟାଲରୁ ଉର୍ଦ୍ଧ ଗଞ୍ଜେଇ ଜବତ କରା ଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରା ଯାଇଛି । କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଥାନା ପୁଲିସ୍ ଏହି ଗଞ୍ଜେଇ ଜବତ କରିଥିବା ବେଳେ ଗାଡ଼ିରେ ଥିବା ଦୁଇ ଚୋରା ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ମାଛକୁଣ୍ଡ ଥାନା ଅନ୍ତର୍ଗତ ଭେଡ଼ିବେଡ଼ା ନିକଟରେ ଏକ ପିକ୍ଅପ୍ ଭ୍ୟାନ୍ ▶▶ପୃଷ୍ଠା ୭

**ଗାଡ଼ି ଛାଡ଼ି ଚାଳକ ଚମ୍ପଟ**

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଟଣୀରେ ପୁଣି ଫୁଟିଲା ୬ ବୋମା

**ବୋମା ମାଡ଼ରେ ଉଡିଗଲା ଘରର ଆଜବେଷ୍ଟସ, ୨ ଆହତ**



ଜଟଣୀ,୧୮।୧୦ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୁଣି ଜଟଣୀ ସହରରେ ଫୁଟିଲା ବୋମା । ଘର ଉପରେ ପଡିଲା ୬ଟି ସୁତୁଲି ବୋମା । ଏଥିରେ ୨ଜଣ ଆହତ ହୋଇଥିବା ସହିତ ଘରର କାନ୍ଥ ଭାଙ୍ଗିପଡିଯାଇଥିବା ବେଳେ ଆଜବେଷ୍ଟସ ଉଡିଯାଇଛି । ଏନେଇ ଥାନରେ ଅଭିଯୋଗ ହୋଇଛି । ସୂଚନାନୁସାରେ, ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ମୁଣ୍ଡିଆସାହିର ରବିନ୍ଦ୍ର କୁମାର ପ୍ରଧାନଙ୍କ ଘର ଉପରକୁ ରବିବାର ଅପରାହ୍ନରେ ଜଣେ ବ୍ୟକ୍ତି ୬ଟି ବୋମାମାଡ କରିଥିଲା । ଏଥିରେ ରବିନ୍ଦ୍ରଙ୍କ ଘରର କାନ୍ଥ ଭାଙ୍ଗିଯିବା ସହିତ ଆଜବେଷ୍ଟସ ଉଡିଯାଇଥିଲା । ମାତ୍ର ପଡୋଶୀ ଘର ସମ୍ମୁଖରେ ଛିଡା ହୋଇଥିବା ରୀନା ପ୍ରଧାନ ଏବଂ ନରେଶ ଦାସ ଦୁହେଁ ଆହତ ହୋଇଯାଇଥିଲେ । ଉଭୟଙ୍କୁ ଚିକିତ୍ସା ଲାଗି ଜଟଣୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ଏନେଇ ରବିନ୍ଦ୍ର ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

**ବାଲେଶ୍ୱରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନ ନାହିଁ !**

## କେଉଁ ମୁହଁ ନେଇ ଭୋଟ ମାଗୁଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ : ବିଜେପି




ବାଲେଶ୍ୱର,୧୮।୧୦ (ନି.ପ୍ର): ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ବାବଦରେ ଜିଲ୍ଲାବାସୀ ପ୍ରତିକ୍ଷଣରେ ଚିତ୍କାର କରୁଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଦୀର୍ଘଦିନ ଧରି ବାଲେଶ୍ୱର ସଦର ମହକୁମାରେ ଥାଇ ମଧ୍ୟ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଟିକିଏ ହେଲେ ଧ୍ୟାନ ନଦେବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେପି । ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି କର୍ମକର୍ତ୍ତାମାନେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଦାୟିତ୍ୱ କର୍ତ୍ତବ୍ୟ ସମ୍ପର୍କରେ ପ୍ରଶ୍ନ କରିଛନ୍ତି । ଉପ-ନିର୍ବାଚନରେ ବିଜେଡି ସପକ୍ଷରେ ଭୋଟହାର ବୃଦ୍ଧି ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ବାଲେଶ୍ୱରରେ ଦୀର୍ଘଦିନ ଧରି ଡେରା ପକାଇଥିଲେ ବି ଜିଲ୍ଲାର ରଗୁଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ନେଇ କେତେ ସଚେତନ ଅଛନ୍ତି ବୋଲି ସେମାନେ କହିଛନ୍ତି । କୋଭିଡ୍ ପରିଚାଳନାରେ ରାଜ୍ୟସରକାର ବିଫଳ ହୋଇଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନିଜର ସାମ୍ବିଧାନିକ ଦାୟିତ୍ୱ ପ୍ରତି ଅବହେଳା କରି ବାଲେଶ୍ୱରରେ ଦୀର୍ଘଦିନ ଅଟକି ରହିବା କେତେ ଯଥାର୍ଥ ବୋଲି ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ନ୍ୟାସନାଲ ଫେମିଲି ହେଲ୍ଥ ସର୍ଭେ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୫ ବର୍ଷରୁ କମ ବୟସର ୩୩.୨ ପ୍ରତିଶତ ଶିଶୁଙ୍କର ପୋଷଣ ଅଭାବରୁ ଶାରୀରିକ ଓ ମାନସିକ ଅଭିଭୃଦ୍ଧି ହୋଇନାହିଁ, ୨୮ ପ୍ରତିଶତ ଶିଶୁ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୪ ଜଣଙ୍କର କରୋନାରେ ମୃତ୍ୟୁ



ଭୁବନେଶ୍ୱର,୧୮।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୧୩୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୪ ଜଣ, କଟକ ଓ ଜଗତସିଂହପୁର ଜିଲ୍ଲାର ୨-୨ଜଣ ଅଛନ୍ତି । ସେହିପରି ମୟୁରଭଂଜ, ପୁରୀ, ଢେଙ୍କାନାଳ. କନ୍ଧମାଳ, ବଲାଙ୍ଗୀର ଓ ସମ୍ବଲପୁର ସମ୍ବଲପୁରର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ୪୯ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୪୨ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଜଗତସିଂହପୁର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ▶▶ପୃଷ୍ଠା ୭

## ନିଟ୍ ଟପ୍ପର ସୋଏବଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରବିବାର ଏନଇଇଟି ଟପ୍ପର ସୋଏବ ଆଫତାବଙ୍କ ସହ କଥା ହୋଇ ତାଙ୍କୁ ତାଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସୋଏବ ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ନିଟ୍ ପରୀକ୍ଷାରେ ରାଉରକେଲାର ସୋଏବ ୭୨୦ରୁ ୭୨୦ ନମ୍ବର ରଖି ଟପ୍ପର ହୋଇଛନ୍ତି ।

## ରାଜଧାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ୨୭ ହଜାର ପାର୍

ଭୁବନେଶ୍ୱର,୧୮।୧୦ (ନି.ପ୍ର): ଭୁବନେଶ୍ୱର ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୭ ହଜାର ଡେଇଁଛି । ରବିବରାର ଦିନ ଆଉ ୨୩୩ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୭,୨୨୮ରେ ପହଂଚିଛି । ସେହିପରି କୋଟିଏ ଦିନରେ ଆଉ ୩୧୩ ଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୪,୧୪୩କୁ ବୃଦ୍ଧି ପାଇଛି । ବର୍ତମାନ ୨୯୨୭ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ବେଳେ ୧୩୭ ଜଣଙ୍କର ମୃତ୍ୟୁ ହୋଇଛି । ରବିବାର ଚିହ୍ନଟ ୨୩୩ ଆକ୍ରାନ୍ତଙ୍କ ମଧ୍ୟରେ ୫୧ ଜଣ ସଂଗରୋଧରୁ ଏବଂ ୧୮୨ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ପଟିଆରୁ ୫ ଜଣ , ଓଲ୍ଡ ଟାଉନ ଓ ପାତ୍ର ପଡାରୁ ୪ ଜଣ ଲେଖାଏଁ ଓ ପ୍ରଶାନ୍ତି ବିହାରରୁ ୩ ଜଣ ସଂଗରୋଧର ଚିହ୍ନଟ ହୋଇଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆରୁ ୧୨ ଜଣ, ଖଣ୍ଡଗିରି ଓ ନୟାପଲ୍ଲୀରୁ ୯ ଜଣ ଲେଖାଏଁ , ଟଙ୍କପାଣିରୋଡ୍ , ପାତ୍ରପଡା, ଡୁମଡୁମା ରସୁଲଗଡ, ନିଳାଦ୍ରୀବିହାର ଓ ଜାଗମରାରୁ ୬ ଜଣ ଲେଖାଏଁ , ଚନ୍ଦ୍ରଶେଖରପୁର ,ବମିଖାଲ ଓ ଘାଟିକିଆରୁ ୫ ଜଣ ଲେଖାଏଁ , ସତ୍ୟନଗର, ଓଲ୍ଡଟାଉନ୍, କଳିଙ୍ଗନଗର, ପ୍ରଶାନ୍ତି ବିହାର, ପୋଖରୀପୁଟ ଓ ଭରତପୁରରୁ ୪ ଜଣ ଲେଖାଏଁ ରହିଛନ୍ତି ।

# ମୟୂରଭଞ୍ଜ ଜିଲ୍ଲା ପରିଷଦ ସନ୍ତ୍ରତ ବୈଠକ : ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜାନ ୩ୟ ପର୍ଯ୍ୟାୟ ଜିଲ୍ଲା ଗ୍ରାମ୍ୟ ସଡକ ଯୋଜନା ପ୍ରସ୍ତୁତି




ବାରିପଦା,୧୮।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୨୬ ଟି ବ୍ଲକ ଅଂଚଳରେ ଗ୍ରାମ୍ୟ ନିର୍ମାଣ (ଆର୍‌ଡି ବିଭାଗ ଦ୍ୱାରା ବିଶେଷ ଗ୍ରାମ୍ୟ ସଡକପଥର ସଂଯୋଗୀକରଣ ଯୋଜନା କାର୍ଯ୍ୟକ୍ରମରେ ଉନ୍ନତି କରଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ୩ୟ ପର୍ଯ୍ୟାୟ କାର୍ଯ୍ୟଖସଡା ଚଳିତ ବର୍ଷରେ ସରକାରଙ୍କ ଦ୍ୱାରା ନୂତନ ବୈଷୟିକ ଜ୍ଞାନ କୌଶଳ ଜିଓଟ୍ୟାଗିଁ ମୋବାଇଲ୍ ଆପ୍ ଉପଯୋଗିତା ମାଧ୍ୟମରେ ପ୍ରତି କ୍ୟାଣ୍ଡିଡେଟ୍ ରୋଡ୍‌ମ୍ୟାପ୍ ବାହାର କରାଯାଇ ଅଗ୍ରାଧିକାର ଭିତିରେ ପ୍ରସ୍ତୁତି କରାଯାଇଥିବା ସଡକପଥର କାର୍ଯ୍ୟକାରିତା ସଂପର୍କରେ ଜିଲ୍ଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ତା.୧୬.୧୦.୨୦୨୦ ରିଖ ପୂର୍ବାହ୍ନରେ ଭିଡିଓ କନଫରେନ୍ସି ଜରିଆରେ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନ୍‌ଫରେନ୍‌ସିଂ ହଲ ଏବଂ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ କାର୍ଯ୍ୟାଳୟରେ ଥିବା ଭିଡିଓ କନ୍‌ଫରେସିଂ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ମୟୂରଭ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସୁଜାତା ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ, ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ମୟୂରଭ, ବିନୀତ୍ ଭରଦ୍ୱାଜ୍, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂବେଶ କୁମାର ନାୟକ, କରଂଜିଆ, ରାଇରଙ୍ଗପୁର ଓ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପ୍ରମୂଖ ଯୋଗ ଦେଇଥିବା ବେଳେ ସେହିପରି ବ୍ଲକ ସ୍ତରରେ ମୋରଡା ବିଧାୟକ ରାଜକିଶୋର ଦାସ, ସାରସକଣା ବିଧାୟକ ବୁଦ୍ଧାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ଯଶିପୁର ବିଧାୟକ ଇଂ ଗଣେଶ ରାମସିଂ ଖୁଂଟିଆ ପ୍ରମୁଖ ସମେତ ସଂପୃକ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧକ୍ଷ ଅଧକ୍ଷା ଓ ଲାଇନ ବିଭାଗ ପଦାଧିକାରୀ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ମତପୋଷଣ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ମୁର୍ମୁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଅକାଳରେ ପ୍ରାଣ ହରାଇଥିବା କରୋନା ଯୋଦ୍ଧା, ସାଧାରଣ ଜନତାଙ୍କ ଆତ୍ମାର ସଦ୍‌ଗତି କାମନା କରି ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ତତ୍‌ପରେ ବୈଠକରେ ବିଶେଷ କରି ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଗାଇଡ୍ ଲାଇନ୍ ଅନୁସାରେ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜାନ (ପିଏମ୍‌ଜିଏସ୍‌ୱାଇ) ୩ୟ ପର୍ଯ୍ୟାୟରେ ଜିଲ୍ଲାର ଗ୍ରାମ୍ୟ ସଡକପଥର ଉନ୍ନତି କରଣ ପାଇଁ ବୈଶୟୀକ ଜ୍ଞାନ କୌଶଳ ଜିଓ ମୋବାଇଲ୍ ଆପ୍- ଜିଓ ଟ୍ୟାଗଡ୍ ଫଟୋଗ୍ରାଫ୍, ଉପଯୋଗ ଦ୍ୱାରା ଗୁଗୁଲ୍ ଆର୍ଥ ସଫଟ୍‌ୱାର ମାଧ୍ୟମରେ ୧୫ ଟି ଅଗ୍ରାଧିକାର ସୁବିଧା ଉପଯୋଗ ଆଧାରରେ ପ୍ରସ୍ତୁତି କରାଯାଇଥିବା ଜିଲ୍ଲା ଗ୍ରାମ୍ୟ ସଡକ ଯୋଜାନ (ଡିଆରଆର୍‌ପି) କାର୍ଯ୍ୟଖସଡାର ବିଭିନ୍ନ ଦିଗ ଉପରେ ବିଶଦ ଆଲୋଚନା କରିବା ସହିତ ଏହାର କାର୍ଯ୍ୟକାରିତା ଦିଗରେ ଅଗ୍ରାଧିକାର ଭତିରେ ସଡକର ଉନ୍ନତି କରଣ କରାଯିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତ ବର୍ଷ ପ୍ରତି ବ୍ଲକରୁ ୩୦ କିମି ରାସ୍ତର ଉନ୍ନତି କରଣ କରାଯିବା ପାଇଁ ପ୍ରସ୍ତୁତି ତାଲିକା ବୈଠକରେ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା । ଅନୁଷ୍ଠିତ ଏହି ଭିଡିଓ କନ୍‌ଫରେନସିଂ ବୈଠକରେ ସଂପୃକ୍ତ ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ପଂଚାୟତ ସମିତିର ଅଧକ୍ଷ/ଅଧକ୍ଷା ଙ୍କ ଦ୍ୱାରା ଗ୍ରାମ୍ୟ ରାସ୍ତା ଉନ୍ନତିକରଣ ସଂପର୍କୀତ ଉତ୍‌ଥାପିତ ବିଭିନ୍ନ ଆପତି ଅଭିଯୋଗ ପ୍ରତି ଧ୍ୟାନ ଦେଇ ପରବର୍ତୀ ପ୍ରସ୍ତାବ ଗୁଡିକ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତି ନିଆଯାଇଥିବା ବେଳେ ରାସ୍ତାରମାନ ଓ ଗୁଣବତା ବଜାୟ ରଖି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଗୁରୁତ୍ୱରୋପ କରାଯାଇଥିଲା । ଅନ୍ୟାନ୍ୟ ପ୍ରସଂଗରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମୁର୍ମୁ ଜିଲ୍ଲାର ବିଶେଷ କରି ଦୁର୍ଗମ ଅଂଚଳ ଗମନାଗମନର ସୁବିଧା ଉପଯୋଗ ପାଇଁ ଗ୍ରାମ୍ୟ ଓ ବସ୍ତିରେ ରାସ୍ତା ଓ ପୋଲ ସଂଯୋଗୀକରଣ କରାଯିବା ଏବଂ ସୀମାନ୍ତ ବ୍ଲକ ଅଂଚଳ ଗ୍ରାମର ରାସ୍ତା ସଂଯୋଗ କରାଯିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ବି.ଜେ.ଡି.ର ମାସ୍କ ବଂଟନ ଓ ରକ୍ତଦାନ ଶିବିର

କେନ୍ଦୁଝର,୧୮।୧୦ (ନି.ପ୍ର): ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ଶନିବାର ଦିନ ତେଲକୋଇ ନିର୍ବାଚନ ମଣ୍ଡଳୀର ବାଂଶପାଳ ବ୍ଲକ ଅନ୍ତର୍ଗତ ବାୟାପଣ୍ଡାଧାର ଠାରେ ବାଂଶପାଳ ବ୍ଲକ ର ଯୁବ ବିଜେଡି ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ନେତୃତ୍ୱରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ମାସ୍କ ବଂଟନ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଉପସଭାପତି ଥିବା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାଏକ, ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି କାନନ ବିହାରୀ ପହି, ଜିଲା ବିଜେଡି ସଂପାଦକ ଦେବାଶିଷ ପଟ୍ଟନାୟକ, ନବନିଯୁକ୍ତ ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ଅଞ୍ଜନ କୁମାର ବେଜ, ନବନିଯୁକ୍ତ ଜିଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ, ଜୀବନବିନ୍ଦୁ ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ, ଛାତ୍ର ବିଜେଡି ସଭାପତି ଅବିନାଶ ପଟ୍ଟନାୟକ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସଂପାଦକ ସୌମ୍ୟରଞ୍ଜନ ରାଉତ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ସଭାପତି ବାବାଜୀ ଚରଣ ବାରିକ,ପଂଚାନନ ବାରିକ, ସଂଗ୍ରାମ କେଶରୀ ନାୟକ ଓ ଅନ୍ୟାନ୍ୟ ବରିଷ୍ଠ କର୍ମୀଙ୍କ ସହ ଯୁବ ଛାତ୍ରବର୍ଗ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସହ ବୈଶ୍ୱିକ ମହାମାରୀ କୋଭିଡ ବିରୁଦ୍ଧରେ ଜନ ସଚେତନତା କରାଇଥିଲେ । ଏଥିସହ ଲୋକମାନଙ୍କୁ ସାମାଜିକ ଦୂରତା ବଜାୟ ରଖିବା ସହ ନିୟମିତ ମାସ୍କ ପିନ୍ଧିବା, ହାତ ଧୋଇବା ଆଦି କୋଭିଡ ସଂପର୍କୀୟ ସଚେତନ କରାଯାଇଥିଲା । ଏହି ଅବସରରେ ନବନିଯୁକ୍ତ ଜିଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ ଏବଂ ନବ ନିଯୁକ୍ତ ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ଅଞ୍ଜନ କୁମାର ବେଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଧାମରା ରେ ଟ୍ରକ ମାଡିଯାଇ ଯୁବକ ମୃତ

ଭଦ୍ରକ, ୧୮/୧୦(ହି.ସ.) - ଧାମରାରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକ ଘଟଣାସ୍ଥଳରେ ପ୍ରାଣ ହରାଇଛି । ଘଟଣାରୁ ପ୍ରକାଶ ଧାମରା ପଂଚାୟତ ଝାଡକାଟି ଗ୍ରାମର ବାବୁ ଜାନାଙ୍କ ପୁଅ ଶଙ୍କର(୩୦) ସାଇକେଲ ନେଇ ଧାମରାରେ ଥିବା ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଯାଉଥିଲେ । ଏହି ସମୟରେ ଧାମରାରୁ ବରଫ ନେଇ କଇଥଖୋଲା ଅଭିମୁଖେ ଯାଉଥିବା ଟ୍ରକ(ଓଆର-୦୪ଏଲ -୦୮୭୯)ଟି ଶଙ୍କରକୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ତାଙ୍କ ଅନ୍ତବୁଜୁଳା ବାହାରି ଆସିବା ସହ ତାଙ୍କର ମୃତ୍ୟୁ ଘଟିଥିଲା ।ଘଟଣାସ୍ଥଳରେ ପୁଲିସ ପହଂଚି ଟ୍ରକଟିକୁ ଜବତ କରିବା ସହ ଟ୍ରକର ଚାଳକକୁ ଅଟକ ରଖି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକକୁ ପଠାଇଛନ୍ତି ।

## ସମଲେଶ୍ୱରୀଙ୍କ ଯାତ୍ରା ଅନୁଷ୍ଠିତ

ନୂଆପଡା,୧୮।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପ ।ୟତର ବଙ୍କାପୁର ଗ୍ରାମ ଠାରେ ବେହେରା ସମାଜ ତରଫରୁ ସମଲଲେଶ୍ୱରୀଙ୍କ ଯାତ୍ରା ପାଳନ କରାଯାଇଛି । ଏଥି ପାଇଁ ଦେବୀଙ୍କ ମନ୍ଦିରକୁ ସଜା ଯାଇଥିବା ବେଳେ ପଡାବାସୀ ସକାଳୁ ନୈଷ୍ଠିକ ଭାବରେ ରହିଥିଲେ । ପ୍ରତି ପରିବାରର ସଦସ୍ୟ ପୂଜା ଦ୍ରବ୍ୟ ଧରି ମାଁଙ୍କ ମନ୍ଦିରରେ ପହଂଥିଲେ । ପୂଜକ ପୂଜାର୍ଚ୍ଚନା କରିଥିଲେ । ମାନସିକଧାରୀ ମାନେ ଅଧିଆ ପଡିବା ସହ ମାନସିକ ଦ୍ରବ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ମାଁଙ୍କ ଠାରେ ସମାଜ ଓ ଅ ଳର ଉନ୍ନତି ସକାଶେ ପୂଜାର୍ଚ୍ଚନା କରାଯାଇଥିଲା । ଏହାସହ ଦେବୀ ପାଟଣେଶ୍ୱରୀ, ରକ୍ତାମ୍ବରୀ, ଦ୍ୱାରସେନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଗ୍ରାମର ଶହଶ୍ରାଧିକ ଲୋକେ ସାମିଲ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ଓ ଶ୍ରୀମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ପୁରୀ,୧୮।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଅପରାହ୍ନ ପ୍ରାୟ ୫ଟା ସମୟରେ ପୁରୀରେ ପହଂଚିଛନ୍ତି । ଏହି ଗସ୍ତ କାଳରେ ସେ ଶ୍ରୀମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମଧ ସମୀକ୍ଷା କରିଛନ୍ତି । ମାର୍କେଟ୍ ଛକ ଠାରୁ ବ୍ୟାଟେରୀଚାଳିତ ଗାଡିରେ ଆସି ସିଂହଦ୍ୱାର ଦୋଳମଣ୍ଡପ ସାହି ଛକରେ ପ୍ରଥମେ ପତିପାବନଙ୍କୁ ଦର୍ଶନ କରି ଏମାର ମଠ ଦେଇ କାକୁଡ଼ିଖାଇ ଛକ, ପେଜନଳା, ଦକ୍ଷିଣ ଦ୍ୱାର, ଗାଣ୍ଟୁଆ ଚଉରା ଛକ, ପର୍ଶ୍ଚିମ ଦ୍ୱାର, ଗଡ଼ନ୍ତି ଛକ, ଉତର ଦ୍ୱାର ଲକ୍ଷ୍ମୀବଜାର ଦେଇ ବଡ଼ଦାଣ୍ଡକୁ ଆସିଥିଲେ । ମନ୍ଦିର ଚର୍ତୁପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟକୁ ବୁଲି ଦେଖିଥିଲେ । ପରେ ଶ୍ରୀମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମଧ ସମୀକ୍ଷା କରିଥିଲେ ।

## ଆଙ୍କୁଲି ପଚାଂୟତରେ ଟିକାକରଣ ପ୍ରଭାବିତ : ପାଣିଘେରରେ ଥିବା ବିପନ୍ନଙ୍କୁ କଂଟ୍ରୋଲ ସାମଗ୍ରୀ ବଂଟନ

ଗଞ୍ଜାମ,୧୮।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଆଙ୍କୁଲି ପଚାଂୟତରେ ବର୍ଷା ବିପ୍ରାତ ଯୋଗୁଁ ଟୀକାକରଣ ଭଳି ଗୁରତର ସ୍ୱାସ୍ଥ୍ୟସେବା ମଧ ପ୍ରଭାବିତ ହୋଇଛି । ଗତକାଲି ଗଞ୍ଜାମ ଜିଲ୍ଲାପାଳଙ୍କ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ ପ୍ରକାରେ ବାଘଲଟି ପାଣି ଘେରରେ ଥିବା ବଣିଆବସା, ଏଲଗଲ, ସିରିଶି ଗଣ୍ଡ, ମାରୁଆ ଗୁମ୍ଫା, ଘରବାଡ଼ ଓ ବେହେରାପୁଟ ଆଦି ଗ୍ରାମରେ ଲୋକଙ୍କୁ ପିଡ଼ିଏସ ଚାଉଳ ବଂଟନ ଆରମ୍ଭ ହୋଇଛି । ବ୍ଲକ୍ ଯୋଗାଣ ଅଧିକାରୀ ନିଜେ ଟ୍ରାକ୍ଟର ଯୋଗେ ସେଠାରେ ପହଂଚିବା ସହ ଖାଉଟି ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ କଂଟ୍ରୋଲ ସାମଗ୍ରୀ ବଂଟନ କରି ଫେରିଛନ୍ତି । ଅନ୍ୟପକ୍ଷରେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ଭାବେ କ୍ଷୟକ୍ଷତି ଆକଳନର ରିପୋର୍ଟ ପ୍ରସ୍ତୁତ କରାଯାଉଥିବା ସୂଚନା ମିଳିଛି ।

## ଦିବ୍ୟାଙ୍ଗ ଯୁବକଙ୍କୁ ବୀମା ରାଶି ପ୍ରଦାନ ନକରିବାରୁ ବ୍ୟାଙ୍କ ମେନେଜରଙ୍କ ବିରୋଧରେ ଗିରଫ ପରୱାନା ଜାରୀ

ବୌଦ୍ଧ,୧୮।୧୦ (ନି.ପ୍ର): ଅସୁବିଧା ସମୟରେ ବୀମାଧାରୀ ଓ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ ଲକ୍ଷ୍ୟନେଇ କେନ୍ଦ୍ର ସରକାର ପ୍ରଚଳନ କରିଥିବା ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା ଅନେକ କ୍ଷେତ୍ରରେ ଫେଲ୍ ମାରୁଥିବା ନେଇ ଅଭିଯୋଗ ଆସିଛି । ବ୍ୟାଙ୍କ କର୍ତ୍ତୃପକ୍ଷ ବୀମା ପାଇଁ ଖାତାଧାରୀଙ୍କ ନିକଟରୁ ପ୍ରିମିୟମ ଠିକ୍ ସମୟରେ କାଟି ନେଉଛନ୍ତି ମାତ୍ର ସର୍ଭିସ ଦେବା ସମୟରେ ହିତାଧିକାରୀଙ୍କୁ ନାନା ହଇରାଣ ହରକତ କରୁଛନ୍ତି । ଏହିପରି ଏକ ଅଭାବନୀୟ ଘଟଣା ଘଟିଛି ବୌଦ୍ଧ ସହରରେ । ସହରର ବୁଟୁପାଲିରେ ବାସକରୁଥିବା ଦିବ୍ୟାଙ୍ଗ ଶ୍ରୀକାନ୍ତ ନାୟକଙ୍କୁ ଖାଉଟି ଅଦାଲତର ଆଦେଶ ସତ୍ୱେ ବୀମା ରାଶି ପ୍ରଦାନ ନକରିବାରୁ ଶେଷରେ ବୌଦ୍ଧ ଜିଲା ଖାଉଟି ସୁରକ୍ଷା ଫୋରମ୍ ବୌଦ୍ଧ ସହରର ପଞ୍ଜାବ ନେସନାଲ ବ୍ୟାଙ୍କ ମେନେଜରଙ୍କ ବିରୋଧରେ ଗିରଫ ପରୱାନା ଜାରୀ କରିଛନ୍ତି । ପ୍ରକାଶ ଯେ, ଶ୍ରୀକାନ୍ତ ନାୟକ ଦିର୍ଘ ବର୍ଷରୁ ପଞ୍ଜାବ ନେସନାଲ ବ୍ୟାଙ୍କର ଜଣେ ହିତାଧିକାରୀ ଅଟନ୍ତି । ପ୍ରତିବର୍ଷ ତାଙ୍କ ଜମାଖାତାରୁ ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା ବାବଦରେ ୧୨ ଟଙ୍କା ପ୍ରିମିୟମ ବ୍ୟାଙ୍କ କର୍ତ୍ତୃପକ୍ଷ କାଟି ରଖିଥାଆନ୍ତି । ଏହି ବୀମା ଯୋଜନାରେ ହିତାଧିକାରୀଙ୍କ ଯଦି ଦୁର୍ଘଟଣାରେ ମୃତ୍ୟୁ ହୁଏ କିମ୍ୱା ସମ୍ପୂର୍ଣ୍ଣ ଭାବେ ଅକର୍ମଣ୍ୟ ହୋଇଯାଆନ୍ତି ତେବେ ବୀମା କମ୍ପାନୀ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥାଆନ୍ତି । ଯଦି ହିତାଧିକାରୀ ଅଧା ଅକର୍ମଣ୍ୟ ହୋଇଯାଆନ୍ତି ତେବେ ବୀମା କମ୍ପାନୀ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥାଆନ୍ତି । ଶ୍ରୀକାନ୍ତ ନାୟକ ଗତ ୨୦୧୫ ମସିହାରେ ଏକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହେବା ସହ ତାଙ୍କର ଗୋଟିଏ ଗୋଡ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇପଡିଛି । ସ୍ୱାସ୍ଥ୍ୟ ବିଭାଗରୁ ଏ ସମ୍ପର୍କିତ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଶ୍ରୀକାନ୍ତ ନାୟକ ଠିକ୍ ସମୟରେ ଦାଖଲ କରି କ୍ଷତିପୂରଣ ବାବଦର ଏକ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପଞ୍ଜାବ ନେସନାଲ ବ୍ୟାଙ୍କ ଏବଂ ଓରିଏଂଟାଲ ଇନସ୍ୟୁରେନ୍ସ କମ୍ପାନୀ ନିକଟରେ ଦାବୀ କରିଥିଲେ । ମାତ୍ର ଦିର୍ଘଦିନ ବିତିଯିବା ପରେ ମଧ ଶ୍ରୀନାୟକ କ୍ଷତିପୂରଣ ନପାଇବାରୁ ଶେଷରେ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ଖାଉଟି ଅଦାଲତ ସମସ୍ତ ବିଚାର କରିବା ପରେ ୨୦୧୮ ମସିହାରେ ଶ୍ରୀକାନ୍ତ ନାୟକଙ୍କୁ ବୀମା ରାଶି ବାବଦରେ ଏକ ଲକ୍ଷ ଟଙ୍କା ଓ ସୁଧ ପ୍ରଦାନ କରିବାକୁ ପଞ୍ଜାବ ନେସନାଲ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷ ଜିଲା ଖାଉଟି ବିବାଦ ସମାଧାନ ମଂଚର ରାୟ ବିରୋଧରେ ରାଜ୍ୟ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ସେଠାରେ ମଧ ଶ୍ରୀକାନ୍ତ ନାୟକଙ୍କ ସପକ୍ଷରେ ରାୟ ପ୍ରଦାନ କରାଯାଇଥିଲା । ଏସବୁ ସତ୍ୱେ ୨ ବର୍ଷ ବିତିଯାଇଥିଲେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷ ବିଭିନ୍ନ ବାହାନା କରି ଶ୍ରୀକାନ୍ତ ନାୟକଙ୍କୁ ବୀମା ରାଶି ବାବଦରେ ଏକ ଲକ୍ଷ ଟଙ୍କା ପ୍ରଦାନ କରିନାହାନ୍ତି । ଫଳରେ ଜିଲା ଖାଉଟି ବିବାଦ ସମାଧାନ ମଂଚ ଗତ ମାସରେ ପଞ୍ଜାବ ନେସନାଲ ବ୍ୟାଙ୍କ ମେନେଜରଙ୍କ ବିରୋଧରେ ଗିରଫ ପରୱାନା ଜାରୀ କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା ଦିବ୍ୟାଙ୍ଗ ଶ୍ରୀକାନ୍ତ ନାୟକ କେବେ ନ୍ୟାୟ ପାଉଛନ୍ତି ।

## ଆଗାମୀ ଲଘୁଚାପ ବର୍ଷା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

କନ୍ଧମାଳ,୧୮।୧୦ (ନି.ପ୍ର): ରାଜ୍ୟରେ ଲଗାତାର ଭାବରେ ଚାଲିଥିବା ଲଘୁଚାପ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି । ବର୍ତମାନ ପୁଣି ଆସନ୍ତା ୧୯ ତାରିଖରେ ଆଉ ଏକ ଲଘୁଚାପ ଜନିତ ବର୍ଷା ଆଗାମୀ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହେବାକୁ ଥିବା ନେଇ ପାଣିପାଗ ବିଭାଗ ତରଫରୁ ସୁଚନା ଦିଆଯାଇଛି । ଜିଲ୍ଲାରେ ଏହାର ପ୍ରସ୍ତୁତି ପାଇଁ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡିଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଙ୍ଗ ଜରିଆରେ ଆଜି ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ,ଫୁଲବାଣୀ ଉପ-ଜିଲ୍ଲାପାଳ ଦେବେନ୍ଦ୍ର କୁମାର ନନ୍ଦ,ବାଲିଗୁଡା ଉପ-ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବାରଟି ବ୍ଲକର ବିଡିଓ,ଏବଂ ତହସିଲଦାରମାନେ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାରେ ଆଗାମୀ ୨୦ ତାରିଖରେ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗର ପୁର୍ବାନୁମାନକୁ ଦୃଷ୍ଟିରେ ରଖି ଜିଲ୍ଲାର ଅଧିକ ବର୍ଷା ହେଉଥିବା ବିପଦ ପୁର୍ଣ୍ଣ ଯାଗା ଗୁଡିକର ଲୋକଙ୍କୁ ସେହି ସମୟରେ ଘରୁ ନ ବାହାରିବାକୁ ପରାମର୍ଶ ଦେବାକୁ ସେହି ଅଂଚଳର ଆର.ଆଇ,ସରପଂଚ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ କୁହାଯାଇଛି । ସେହି ଅଂଚଳରେ ଥିବା ସ୍କୁଲ ଗୃହ ଗୁଡିକ ଆବଶ୍ୟକ ବେଳେ ଲୋକଙ୍କ ଅଶ୍ରୟ ସ୍ଥଳୀ ରୁପେ ବ୍ୟବହାର କରିବା ନିମନ୍ତେ ପ୍ରସ୍ତୁତ ରଖିବାକୁ ମଧ୍ୟ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମାଟି ଅତଡା ଖସିବା ଆଶଙ୍କା ଯାଗାରୁ ଦୁରକୁ ଯିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ନିକଟରେ ଶୁଖିଲା ଖାଦ୍ୟ ସମେତ ପ୍ଲାଷ୍ଟିକ ଜରି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ରିଲିଫ ସାମଗ୍ରୀ ମହଜୁଦ ରଖାଯାଇଛି । ଜିଲ୍ଲାର ସମସ୍ତ ଅଗ୍ନିଶମ ବିଭାଗର କର୍ମଚାରୀ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ଆପାତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳଙ୍କ ସୁତ୍ରରୁ ଜଣାପଡିଛି ।

## ନିକିରାଇ ଥାନା ବିରୋଧରେ ଉଦ୍ଦେଶ୍ୟ ମୂଳକ ଅଭିଯୋଗ : ପ୍ରତିବାଦରେ ଏସପି ଓ ଡିଜିଙ୍କୁ ଭେଟିଲେ ଜନ ପ୍ରତିନିଧି

କେନ୍ଦ୍ରାପଡା,୧୮।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ବିରୋଧରେ ସେହି ଗ୍ରାମର କେତେକ ଅସାମାଜିକ ବ୍ୟକ୍ତି ନିଜର ସ୍ୱାର୍ଥ ପୁରଣ ନହେବାରୁ ମିଥ୍ୟା ଅଭିଯୋଗ କରି ଏସପି ଓ ଡିଜିଙ୍କ ନିକଟରେ ଥାନା ଅଧିକାରୀଙ୍କ ବିରୋଧରେ ଅତ୍ତୂଳକ ଅଭିଯୋଗ କରିଥିଲେ । ଏହାର ପ୍ରତିବାଦ ରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି ଏସପି ନିତିଶେଖର ଓ ଡିଜି ଙ୍କୁ ଭେଟି ଏହାର ତୀବ୍ର ବିରୋଧ କରିବା ସହ ଏହି ଅଭିଯୋଗକାରୀ ମାନଙ୍କ ଯୋଗୁଁ ସ୍ଥାନୀୟ ଅଂଚଳରେ ଶାନ୍ତି ବ୍ୟାହାତ ହେଉଥିବା ଲିଖିତ ଭାବେ ଜଣାଇଛନ୍ତି । ସ୍ଥାନୀୟ ଅଂଚଳରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଥିବା, ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ଥିବା ସାଧାରଣ ଲୋକଙ୍କୁ ହଇରାଣ ହରକତ କରୁଥିବା ଏହି ଅସାମାଜିକ ଙ୍କ ପାଇଁ ସ୍ଥାନୀୟ ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ବିରୋଧରେ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏନେଇ ପୋଲିସ କତୃପକ୍ଷ ସତର୍କ ରହିବାକୁ ପୂର୍ବତନ ସରପଂଚ ସରୋଜକାନ୍ତ ପଣ୍ଡା, ସରପଂଚ ସରତ କୁମାେ ଜେନା, କାହ୍ନୁ ଚରଣ ଜେନା, ଛୋଟୀ ସରପଂଚ କୁମାର ଚନ୍ଦ୍ର ବଳ, ମୋହନ ଚରଣ ଆଚାର୍ଯ୍ୟ, କୁରତଙ୍ଗ ସରପଂଚ ସୀତାସୁନ୍ଦରୀ ମଲିକ, ଇନ୍ଦୁପୁର ସରପଂଚ ରୀନା ମଲିକ, ଘାଗରା ସରପଂଚ ରବିନ୍ଦ୍ର କୁମାର ମଲିକ, ଚାରିଗାଁ ସରପଂଚ ବସନ୍ତ କୁମାର ମଲିକ, ସମିତି ସଭ୍ୟ ସନ୍ତୋଷ କୁମାର ସାହୁ, ନହଙ୍ଗ ସରପଂଚ ଉମାକାନ୍ତ ନାୟକ, ସରତ କୁମାର ସାମଲ, ରାଜ କିଶୋର ଜେନା ପ୍ରମୁଖ ନିର୍ବାଚିତ ପ୍ରତିନିଧି ମାନେ ଏସପି ନିତିଶେଖର ଓ ଓଡିଶାର ପୋଲିସ ମହା ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଏଭଳି ଅସାମାଜିକଙ୍କୁ ଜବତ କରିବା ପାଇଁ ଦାବି ଜଣାଇଛନ୍ତି ।

## ଆରମ୍ଭ ହୋଇଛି ନବରାତ୍ର ପୂଜା : ନବଦିନରେ ନଅଟି ରୂପରେ ପୂଜା ପାଇବେ ମା

ଜୟପୁର,୧୮।୧୦ (ନି.ପ୍ର): ଶାରଦୀୟ ଦୁର୍ଗାପୂଜା ସହ ଆରମ୍ଭ ହୋଇଛି ନବରାତ୍ରର ପର୍ବ । ଏହି ନଅ ଦିନ ଧରି ମା ଦୁର୍ଗାଙ୍କୁ ବିଭିନ୍ନ ରୂପରେ ପୂଜା କରାଯାଇଥାଏ । ଚଳିତ ବର୍ଷ ନବ ରାତ୍ର ୯ ଦିନ ବଦଳରେ ୮ ଦିନ ପଡୁଛି । ରାଜପରିବାରଙ୍କ ଇଷ୍ଟଦେବୀ କନକଦୁର୍ଗା, ପୁରୁଣାଗଡ ଠାରେ ରହିଥିବା ଅଧିଷ୍ଠାତ୍ରୀ ଦେବୀ ମା ଦକ୍ଷିଣକାଳୀଙ୍କ ମନ୍ଦିର, ଅଧିଷ୍ଠାତ୍ରୀ ମା ଭଗବତୀଙ୍କ ମନ୍ଦିର, ବସନ୍ତେଇ ମନ୍ଦିର, ସାତଭଉଣୀ ମନ୍ଦିର, ଉଗ୍ରତାରା ମନ୍ଦିର ଝାଙ୍କରଦେଇ, ସର୍ବ ମଙ୍ଗଳା, ଗଙ୍ଗା ମା ମନ୍ଦିର, ମା ଜଗତ ଜନନି ମନ୍ଦିରରେ ଆରମ୍ଭ ହୋଇଛି ନବରାତ୍ର ପୂଜା । ଶ୍ରଦ୍ଧାଳୁ ମନ୍ଦିରରେ ଦୀପ ଜାଳି ନବରାତ୍ର ପାଇଁ ପୂଜା ଆରମ୍ଭ କରିଥିଲେ । ତେବେ ଦଶହରା ଆସିଲେ ଏହି ମନ୍ଦିର ମାନଙ୍କ ପୂଜାବିଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ଏହି ମନ୍ଦିର ସବୁ ଆଲୋକମାଳାରେ ସଜେଇ ହୋଇଥାଏ । ନବରାତ୍ର ଆରମ୍ଭ ହୋଇଥିବାରୁ ସହରର ଦୁଇଟି ପୂଜାମଣ୍ଡପ ତଥା ରାଜପରିବାରଙ୍କ କନକଦୁର୍ଗା, ପାଇକସାହି ଦୁର୍ଗା ମଣ୍ଡପ ଠାରେ କୋଭିଡ୍ ନିୟମ ଅନୁଯାୟୀ ମାଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି । ହିନ୍ଦୁ ପରମ୍ପରା ଅନୁଯାୟୀ, ବର୍ଷକୁ ୨ ଥର ନବରାତ୍ର ପାଳନ କରାଯାଇଥାଏ । ସେଥି ମଧ୍ୟରୁ ଶରତ ଋତୁରେ ପାଳନ କରାଯାଉଥିବା ନବରାତ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଆଶ୍ୱିନ ମାସ ଶୁକ୍ଲପକ୍ଷ ପ୍ରତିପଦ ତିଥୀରୁ ନବମୀ ପର୍ଯ୍ୟନ୍ତ ପାଳନ ହେଉଥିବା ଶାରଦୀୟ ଦୁର୍ଗାପୂଜାକୁ ମହାନବରାତ୍ର କୁହାଯାଇଥାଏ । ମହା ନବରାତ୍ରର ଶେଷରେ ବିଜୟା ଦଶମୀ ପାଳିତ ହୋଇଥାଏ । ଏହି ନବରାତ୍ର ପୂଜା ପାଇଁ ମାଙ୍କ ୯ ଟି ବେଶ ବେଶ୍ ଗୁରୁତ୍ୱପୂର୍ଣ୍ଣ । ହିମାଳୟଙ୍କ ତପସ୍ୟାରେ ଜନ୍ମିତ ଶୈଳପୁତ୍ରୀ ବେଶ ନବରାତ୍ରର ପ୍ରଥମ ଦିନରେ କରାଯାଇଥାଏ । ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ବେଶ କରାଯାଇଥାଏ । ଏହି ବେଶରେ ମାଙ୍କ ଡାହାଣ ହାତରେ ଜପାମାଳି ଏବଂ ବାମ ହାତରେ କମଣ୍ଡଳୁ ଶୋଭା ପାଇଥାଏ । ଦେବୀ ଦଶଭୁଜା ବ୍ୟାଘ୍ର ତଥା ସିଂହ ଉପରେ ବିରାଜ ମାନ ହୋଇ ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଦେବୀଙ୍କ ଯୁଦ୍ଧାଭିମୁଖୀ ବେଶ ଭାବରେ ତୃତୀୟ ଦିନ ପୂଜା ପାଆନ୍ତି । ଦେବୀଙ୍କ ଉଗ୍ରରୂପୀ ପ୍ରତିମାକୁ ଚନ୍ଦ୍ରଘଂଟା ବେଶ କୁହାଯାଇଥାଏ । ଚତୁର୍ଥ ଦିନରେ ଦେବୀଙ୍କୁ କୁଷ୍ମାଣ୍ଡା ବେଶରେ ପୂଜା କରାଯାଇଥାଏ । ପୌରାଣିକ ତଥ୍ୟ ଅନୁଯାୟୀ, ଦେବୀଙ୍କ ହସରୁ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଥିବା କୁହାଯାଏ । ତେଣୁ ଏହି ଦିନରେ ଦେବୀଙ୍କୁ ଅଷ୍ଟଭୂଜା ଭାବରେ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଏବଂ ଜପାମାଳି ଧାରଣ କରାଯାଇଥାଏ । ନବରାତ୍ରର ପଞ୍ଚମ ଦିନରେ ମାଁ ଦୁର୍ଗାଙ୍କୁ ସ୍କନ୍ଦମାତା ରୂପରେ ପୂଜା କରାଯାଇଥାଏ । କୁମାର କାର୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଇଥାଏ । ଏହି ବେଶରେ ଦେବୀ ଚତୁର୍ଭୁଜା ଏବଂ ସିଂହ ଉପରେ ବିରାଜମାନ ହୋଇଥାନ୍ତି । ତାଙ୍କ କୋଳରେ ଦେବୀ କାର୍ତିକେୟଙ୍କୁ ଧାରଣ କରିଥିବା ଦେଖାଯାଇଥାଏ । ନବରାତ୍ରୀର ଷଷ୍ଠ ଦିବସରେ ଦେବୀଙ୍କୁ କାତ୍ୟାୟନୀ ବେଶରେ ପୂଜା କରାଯାଇଥାଏ । ମହର୍ଷୀ କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କ କନ୍ୟା ରୂପରେ ଜନ୍ମ ନେଇଥିଲେ । ତେଣୁ ତାଙ୍କୁ କାତ୍ୟାୟନୀ ଭାବରେ ପୂଜା କରାଯାଇଛି । ସପ୍ତମ ଦିବସରେ ଦେବୀଙ୍କୁ କାଳରାତ୍ରୀ ବେଶରେ ସଜ୍ଜିତ କରାଯାଇଥାଏ । ଏହି ବିକଟାଳ ବେଶରେ ଦେବୀଙ୍କୁ ସ୍ୱତନ୍ତ୍ର ଉପାସନା କରାଯାଇଥାଏ । ଏହି ରୂପରେ ଦେବୀ ତ୍ରୀନେତ୍ର ଧାରିଣୀ, ଶରୀରର ବର୍ଣ୍ଣ ଅନ୍ଧକାର ଭଳି ଗାଢ କଳା ଏବଂ ହାତରେ ଖଡ୍ଗ ଧାରଣ କରି ଦର୍ଶନ ଦିଅନ୍ତି । ନବରାତ୍ରୀର ଅଷ୍ଟମ ଦିନରେ ଦେବୀଙ୍କୁ ମହାଗୌରୀ ବେଶରେ ଆରାଧନା କରାଯାଇଥାଏ । ଏହି ବେଶରେ ଦେବୀ ବେଶ ଶାନ୍ତ ଲାଗିଥାନ୍ତି । ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୋରା, ଶ୍ୱେତ ବସ୍ତ୍ର ପରିହିତା ଦେବୀ ଚତୁର୍ଭୁଜା ଏବଂ ଦୁଇ ହାତରେ ଡମ୍ବରୁ, ତ୍ରୀଶୁଳ ଧାରଣ କରିଥାନ୍ତି । ଏବଂ ଅନ୍ୟ ଦୁଇ ହାତରେ ଅଭୟ ବରଦାନ ପ୍ରଦାନ କରିଥାନ୍ତି । ନବରାତ୍ରର ଶେଷଦିନ ବା ନବମ ଦିନରେ ସିଦ୍ଧିଦାତ୍ରୀ ରୂପରେ ଦର୍ଶନ ଦେଇଥାନ୍ତି ଦେବୀ ଦୁର୍ଗା । ଏହି ସ୍ୱରୁପରେ ଦେବୀ ପଦ୍ମାସନ ହୋଇ ଚତୁର୍ଭୁଜା ହାତରେ ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ଧାରଣ କରିଥାନ୍ତି । ଏହି ପରି ନଅଟି ବେଶ ପରେ ଦଶମୀ ଦିନ ବିଜୟୀ ଦଶମୀ ପାଳିତ ହୋଇଥାଏ । ଏହା ସହ ଜୟପୁର ସହରର ଦୁର୍ଗାପୂଜାର ଏକ ସ୍ୱତନ୍ତ୍ର ପୂଜାବିଦ୍ଧି ଅପରାଜିତା ପୂଜା ସହ ଜୟପୁର ଦଶହରାର ପରିସମାପ୍ତି ହୋଇଥାଏ ।

## ଜନ ସଚେତନତା କାର୍ଯ୍ୟକ୍ରମ

ନୂଆପଡା,୧୮।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ଏବଂ ଚନାବେଡା ପଂଚାୟତରେ ବିଜେଡିର ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ପର୍ଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଉପରେ ସଚେତନତା କରିଥିଲେ। ଏହି ଅବସରରେ ଲୋକଙ୍କୁ କରୋନା ସଚେତନତା କରିବା ସହିତ ମାକ୍ସ ବ ନ କରାଯାଇଥିଲା । କୁଟିପଦର, ଭାଲୁଡୁଙ୍ଗରୀ, ଭୋଜପୁର, ଝିଟ୍ରିଢୋଡା, ରହେନପଦର, ଚନାବେଡା ପ୍ରମୁଖ ଗ୍ରାମ ପରିକ୍ରମା କରିଥିଲା । ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଭୋଜପୁର ସରପ ଯଶୋବନ୍ତି ଗହିର, ନାରିନେତ୍ରୀ ସିମାଦ୍ରୀ ସିଂଦେଓ, ବିଣାପାଣି ବାରିକ, ବ୍ଲକ ସମ୍ପାଦକ ଚନ୍ଦ୍ରଶେଖର ଜାନୀ, ବ୍ଲକ ଉପସଭାପତି ଫୈଜ ଖାନ, ଖଡିଆଳ ନଗର ସମ୍ପାଦକ ନିମାଇଁ ପଟେଲ, ସୁବୀର ସିଂଦେଓ, ଅରୁଣ ଶର୍ମା, ଦୟା ଥପା, ଜିତେନ୍ଦ୍ର ପୋଡ, ବିଜୟ ପଟେଲ, ପ୍ରହଲ୍ଲାଦ ପୋଡ, ବିରବଲ ପଟେଲ, ଲୋକେଶ୍ୱର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଘରେ କରନ୍ତୁ ପାକଶାଳା ବଗିଚା

ଆଜିକାଲି ନିଜ ବ୍ୟସ୍ତ ବହୁଳ ସମୟ ଭିତରେ ମଣିଷ ଟିକେ ବି ଖାଲି ସମୟ କାଢ଼ିବା ଅତି କଷ୍ଟକର । ସୀମିତ ସମୟ ମଧ୍ୟରେ ଏବେ ନିଜ ଘର ଚାରିପଟ ବାଡ଼ିବଗିଚାର ବି ଯତ୍ନ ନେବା ସମ୍ଭବପର ନୁହଁ । ଆଗରୁ ଏକପ୍ରକାର ସମୟ ଥିଲା ଲୋକେ ଯେତେ କାର୍ଯ୍ୟବ୍ୟସ୍ତତାରେ ରହିଲେ ବି ସକାଳୁ କିଛି ସମୟ ନିଜ ବାଡ଼ିବଗିଚା ପାଇଁ ଦେଉଥିଲେ । ସେଥିରୁ ନିଜ ଦେହ ବି ସୁସ୍ଥ ଆଉ ମନ ବି ହାଲୁକା ରହୁଥିଲା । କିନ୍ତୁ ଏବେ ସମୟ ବଦଳିଗଲାଣି । ଆଧୁନା ବାଡ଼ିବଗିଚା ଦୂର କଥା ଲୋକେ ସପିଙ୍ଗ ମଲ୍‌ରୁ ପନିପରିବା କିଣିବା ଆରମ୍ଭ କଲେଣି । ପରିବେଶବିତ୍‌ଙ୍କ ମତରେ ଆଉ କିଛି ବର୍ଷ ପରେ ନିଜ ଘର ବାଡ଼ିବଗିଚା ବୋଲି ଶବ୍ଦ ନିଶ୍ଚିହ୍ନ ହୋଇଯିବ । ତେବେ ପାକଶାଳା ବଗିଚା- ଉଦ୍ୟାନ କୃଷିର ଏକ ବାସ୍ତବ ଉପଲବ୍ଧି । ଯେଉଁଠାରେ ଘରର ପାଖ କିଛି ସ୍ଥାନରେ ଆମେ ପନିପରିବା ଲଗାଇ ନିଜ ଘରର ଆବଶ୍ୟକତାକୁ ପୂରଣ କରିପାରିବା । ବିଭିନ୍ନ ଋତୁରେ ପନିପରିବା ଲଗାଇବା ସହ ଏହା ପରିବେଶର ଭାରସାମ୍ୟ ରକ୍ଷାରେ ସାହାଯ୍ୟ କରିବ । ନିଜ ପରିବାର ଲୋକଙ୍କ କିଛି ସମୟରେ ଏହି ପାକଶାଳା ବଗିଚା ଖୁବ୍ କମ୍ ଦିନରେ ଏକ ପ୍ରକୃଷ୍ଟ କୃଷିର ମାଧ୍ୟମ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । ସାଧାରଣତଃ ପାକଶାଳା ବଗିଚାରେ ଦେଶୀ ପରିବା ଯଥା- ମୂଳା, ଲଙ୍କା, ଶାଗ, ଟମାଟୋ ଆଦି ଲଗାଯାଇପାରିବ ।

ପାକଶାଳା ବଗିଚା ସେମିତି କିଛି ନୂତନତାର ଅନୁଭବ ନୁହେଁ । ଲୋକେ ବଜାରରୁ ବିଭିନ୍ନ ରାସାୟନିକ ପଦାର୍ଥ ମିଶା ପରିବା ଖାଇ ରୋଗରେ ପଡୁଛନ୍ତି । କିନ୍ତୁ ଯଦି ପରିବାରର ସବୁ ସଦିସ୍ୟ ଘର ପାଖରେ ସକାଳ ଓ ସନ୍ଧ୍ୟାର କିଛି ସମୟ ଦେଇ ଜୈବିକ ଉପାୟ ଅବଲମ୍ବନ କରି ପାକଶାଳା ବଗିଚାଟିଏ କରିପାରିନ୍ତେ, ତାହାଲେ ଏସବୁର ସମ୍ମୁଖୀନ ହେବାକୁ ପଡ଼ନ୍ତାନି ।

**ପାକଶାଳା ବଗିଚାର ଉପଯୋଗିତା:**

-ପୁଷ୍ଟିକର ପନିପରିବା ଉତ୍ପାଦନ କରାଯାଇପାରିବ ।

-ବଜାରରୁ ପନିପରିବା ବାବଦରେ କରୁଥିବା ଅପବ୍ୟୟକୁ ରୋକାଯାଇପାରିବ ।

-ନିଜ ଘରୀ ରୋଷେଇ ଶାଳାର ବର୍ଜ୍ୟବସ୍ତୁକୁ ଜୈବିକ ଖତ ଭାବେ ବ୍ୟବହାର କରାଯାଇପାରିବ ।

-ନିଜ ଘର ପାଖର ଖାଲି ସ୍ଥାନର ଉପଯୁକ୍ତ ସଦୁପଯୋଗ କରିହେବ ।

**ସ୍ଥାନ ମନୋନୟନ:**

ପାକଶାଳା ବଗିଚା ପାଇଁ ସର୍ବପ୍ରଥମେ ଆମକୁ ସ୍ଥାନ ଚିହ୍ନଟ କରିବା ଏକାନ୍ତ ଆବଶ୍ୟକ । ଏଥିପାଇଁ କେତୋଟି ପ୍ରମୁଖ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଯେପରି ଏହା ଭିତରକୁ





କୌଣସି ପଶୁମାନେ ଆସିପାରୁନଥିବେ । ଜଳସେଚନ ଠିକ୍ ଭାବେ କରିହେଉଥିବ । ମୃର୍ତ୍ତିକାର ଉର୍ବରତାକୁ ଲକ୍ଷ୍ୟ କରିବା ଦରକାର । ସୂର୍ଯ୍ୟାଲୋକ ଠିକ୍ ଭାବେ ପଡ଼ିପାରୁଥିବ । ଏହିସବୁ ଦିଗରେ ଧ୍ୟାନ ଦେବା ଦରକାର ।

ଏହାଛଡ଼ା ଜଳସେଚନ କିପରି ଠିକ୍ ଭାବେ କରିହେବ, ତାହାକୁ ଲକ୍ଷ୍ୟ କରିବା ଉଚିତ । ମଲଚିଙ୍ଗ୍ ଦ୍ୱାରା ପବନ ଠାରୁ ମାଟି କ୍ଷୟ ହେବାକୁ ରୋକାଯାଇପାରିବ । ଏହା ଦ୍ୱାରା ମାଟିର ଉତ୍ପାଦନ ହାର ବଢ଼ିଥାଏ । ଜୈବିକ ଉପାୟରେ ଗଛକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଜୀବାମୃତ, ପଞ୍ଚଗବ୍ୟ, ଅମୃତପାଣି ପ୍ରଭୃତି ବ୍ୟବହାର କରିପାରିବା । ଏହାଛଡ଼ା ଜିଆଖତକୁ ମଧ୍ୟ ବ୍ୟବହାର କରାଯାଇପାରିବ ।

ପ୍ରମୁଖତଃ ପାକଶାଳା ବଗିଚାରେ ଆମେ ବଗିଚାର ଚାରିପଟେ କେଉଁ ଗଛ ଲାଗିବ ସେଥିପ୍ରତି ଧ୍ୟାନ ଦେବା ଦରକାର । ଏହା ଏମିତିହେବା ଆବଶ୍ୟକ ଯାହା ବଗିଚା ଭିତରେ ଲାଗିଥିବା ଗଛକୁ ସୁରକ୍ଷା ଦେଇପାରୁଥିବ । ଯେପରିକି ରୋଗପୋକ ଦାଉରୁ ରକ୍ଷା, ଅନାବନା ଘାସ ଦମନ ଇତ୍ୟାଦି । ସୁତରାଂ ଏହା ଆଜି ଯୁବସମାଜ ତଥା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଆହ୍ୱାନ । ଏବେ ତ ବନମହୋତ୍ସବର ସପ୍ତାହ ଗଲା । କେବଳ ଗଛଟିଏ ଲଗେଇ ଦେଲେ ହେବନି ବରଂ ଏହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ତେଣୁ ସମସ୍ତେ ଯଦି ନିଜ କାର୍ଯ୍ୟଭାର ଭିତରୁ ସମୟ କାଢ଼ି ନିଜ ଘରେ ପାକଶାଳା ବଗିଚାଟିଏ କରିପାରନ୍ତେ । ତେବେ ଭବିଷ୍ୟତରେ ଆମେ ସୁସ୍ଥ ପନିପରିବା ପାଇବା ସହ ଏକ ଶାନ୍ତ ଓ ନିରାମୟ ଜୀବନଯାପନ କରିପାରିବ ।

## ବ୍ରେଡ୍ ଟୋଷ୍ଟ

ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ ! ଶୀତୁଆ ପାଗରେ ଗରମ ଛଣାଛଣି ଖାଇବା ଲାଗି ଖୁବ୍ ଇଚ୍ଛା ହୁଏ । ଚା' ସାଙ୍ଗକୁ ବ୍ରେଡ ପକୋଡ଼ା ଖୁବ୍ ସ୍ୱାଦିଷ୍ଟ ଲାଗେ । ତେବେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନେକ ତେଲଛଣା ଖାଇବାକୁ ପସନ୍ଦ କରୁନାହାନ୍ତି । ତାଓ୍ୱାରେ କମ୍ ତେଲରେ ବ୍ରେଡ୍ ପକୋଡ଼ା ବଦଳରେ ଟୋଷ୍ଟ ପ୍ରସ୍ତୁତ କରିପାରିବେ, ଯାହା ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ।

**ଆବଶ୍ୟକ ସାମଗ୍ରୀ:**

ପାଉଁରୁଟି-୪ଟି, ବେସନ-୧ କପ୍, ଦହି୧/୨ କପ୍, ଛୋଟ ଛୋଟ କଟାଯାଇଥିବା ଗୋଟିଏ ଶିମଳା ଲଙ୍କା, ଗୋଟିଏ ଟମାଟୋ, ଦୁଇଟି କଞ୍ଚାଲଙ୍କା ଏବଂ କିଛି ଧନିଆପତ୍ର, ଚିମୁଟାଏ ବେକିଂସୋଡ଼ା, ତେଲ-୨ରୁ ୩ ବଡ଼ ଚାମଚ, ଛୋଟ ଚାମଚରେ ଚାରିଭାଗରୁ ଭାଗେ ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ ଏବଂ ୧ ଚାମଚ ଧନିଆ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ ।



**ପ୍ରସ୍ତୁତି:**

ବେସନ ଏକ ପାତ୍ରରେ ବାହାର କରି ସେଥିରେ ଦହି ଗୋଳାଇ ଦିଅନ୍ତୁ । ଏହା ସହିତ ଅଳ୍ପ ପାଣି ଦେଇ ପିଠଉ ପ୍ରସ୍ତୁତ କରିନେବେ ଯାହା ବେଶୀ ପତଳା କି ବହଳିଆ ନହେବା ଉଚିତ । ୨-୩ ମିନିଟ୍ ଏହି ମିଶ୍ରଣକୁ ଭଲଭାବେ ଫେଣ୍ଟି ସେଥିରେ ଲୁଣର, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ, କଟା କଞ୍ଚାଲଙ୍କା, ବେକିଂସୋଡ଼ା ଆଦି ପକାଇ ଭଲଭାବେ ଗୋଳାଇଦେବେ । ଏହାପରେ କଟା ଟମାଟୋ, ଶିମଳା ଲଙ୍କା, ଧନିଆପତ୍ର ମିଶାଇ ଦିଅନ୍ତୁ । ଏବେ ବ୍ରେଡ ଟୋଷ୍ଟ ପ୍ରସ୍ତୁତ କରିବା ଲାଗି ଏକ ପାଉଁରୁଟି ଉପରେର ଅଳ୍ପ ବେସନ ମିଶ୍ରଣ ଲଗାଇ ଭଲଭାବେ ଖେଳାଇ ଦିଅନ୍ତୁ । ଚୁଲିରେ ତାଓ୍ୱା ବସାଇ ସେଥିରେ ୨-୩ ଚାମଚ ତେଲ ଦେବେ । ଗରମ ହୋଇଗଲେ ବେସନ ଲଗାଇଥିବା ପାର୍ଶ୍ୱ ତାଓ୍ୱାରେ ରଖି ସେକିବା ପାଇଁ ରଖିଦିଅନ୍ତୁ । ଏବେ ଉପରେ ମଧ୍ୟ କିଛି ମିଶ୍ରଣ ଲଗାଇଦେବେ । ତାଓ୍ୱାରେ ଯେତୋଟି ଜାଗା ହେବ, ସେତିକିଟି ପାଉଁରୁଟି ଏପରି ଭାବେ ରଖି ଘୋଡ଼ାଇ ଦିଅନ୍ତୁ । ହାଲ୍‌କା ଆଞ୍ଚରେ ୨-୩ ମିନିଟ୍ ଏହାକୁ ବସାଇବେ । ତଳପଟୁ ପାଉଁରୁଟି ସୁନେଲି ରଙ୍ଗର ହୋଇ ଭଲଭାବେ ସେକି ହୋଇଯାଇଥିଲେ ଏବେ ଉପରପଟେ ଟିକେ ତେଲ ଦେଇ ଏହାକୁ ଓଲଟାଇ ଦିଅନ୍ତୁ ଏବଂ ଆଉ ୩ ମିନିଟ୍ ସେହିପରି ଘୋଡ଼ାଇ ସେକନ୍ତୁ । ଏହାପରେ ଯଦି କମ୍ ସେକି ହୋଇଥିବାର ଦେଖାଯାଏ, ତେବେ ପୁଣି ଓଲଟାଇ ଖୋଲାରେ ୧ରୁ ଦେଢ଼ ମିନିଟ୍ ପର୍ଯ୍ୟନ୍ତ ସେକିଦେବେ । ବ୍ରେଡ୍ ଟୋଷ୍ଟ ପ୍ରସ୍ତୁତ । ଏହାକୁ କୋଣାକାର ଭାବେ କାଟି ଧନିଆପତ୍ର ଚଟଣି, ଟମାଟୋ ସସ୍ କିମ୍ବା ଚିଲି ସସ୍ ସହିତ ଗରମ ଗରମ ପରଷି ଦିଅନ୍ତୁ ।

## ଉଚ୍ଚମାନର ରାସ୍ତା

ବ୍ରିଟେନ୍ ଗବେଷକ ଦଳ ଗ୍ରେଫିନ୍ ତତ୍ତ୍ୱର ବ୍ୟବହାର କରି ଏକ ପଦାର୍ଥ ତିଆରି କରିଛନ୍ତି, ଯାହାକୁ ସଡ଼କ ତିଆରିରେ ବ୍ୟବହାର କରାଯିବ । ଗବେଷକଙ୍କ ମତରେ ଏଇ ପଦାର୍ଥ ବ୍ୟବହାର କରି ସଡ଼କ ତିଆରି କରାଗଲେ, ଅନ୍ତତଃ ୧୦୦ ବର୍ଷ ପର୍ଯ୍ୟନ୍ତ ସଡ଼କ ସୁରକ୍ଷିତ ରହିବ । ଆଜିର ସମୟରେ ଉଚ୍ଚମାନର ରାସ୍ତା ତିଆରି କରାଯିବା ସତ୍ତ୍ୱେ ଅଳ୍ପ କିଛି ବର୍ଷ ପରେ



ସେଗୁଡ଼ିକ ଭାଙ୍ଗିଯାଇଥାଏ । ଖାଲଖମା ହେବା ସହ ବର୍ଷାଦିନରେ ପାଣି ଜମି ରହି ଗାଡ଼ି, ମଟର ଦୁର୍ଘଟଣା ମଧ୍ୟ ହୁଏ । ତେବେ ଏହି ଗ୍ରେଫିନ୍‌ଯୁକ୍ତ ତତ୍ତ୍ୱ ରାସ୍ତା ତିଆର ହେଲେ, ସେଥିନିମନ୍ତେ ୨୦ ଗୁଣ ଅଧିକ ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ମାତ୍ର ୧୦ ଦିନରେ ରାସ୍ତ ତିଆରି ହୋଇଯିବା ବେଳେ ରାସ୍ତା ଭାଙ୍ଗିବାର ଭୟ ମଧ୍ୟ ନାହିଁ । ପ୍ରତି ୩୦ ବର୍ଷରେ ଥରେ ରାସ୍ତାରେ ପୁନଃ ଗ୍ରେଫିନ୍ ତତ୍ତ୍ୱ ମିଶ୍ରଣ କରାଗଲେ, ରାସ୍ତା ଅଧିକ ଦୀର୍ଘସ୍ଥାୟୀ ହେବ ।

## ଦୁବାଇର ରାସ୍ତା ସ୍ଥିତି

ଧନିକ ରାଷ୍ଟ୍ର ଭାବେ ଦୁବାଇ ପରିଚିତ । ସେଠାକାର ଶେଖ୍‌ମାନେ ସ୍ୱର୍ଣ୍ଣଖଚିତ କାର୍‌ରେ ବୁଲିବା ସହ ବାଘ ପରି ପ୍ରାଣୀଶରୀକୁ ପୋଷାଜନ୍ତୁ ଭାବେ ଘରେ ରଖନ୍ତି । ବିଳାସବ୍ୟସନରେ ରହିବା ସେମାନଙ୍କ ମୁଖ୍ୟ ସଉକ୍ କହିଲେ ଭୁଲ ହେବନାହିଁ । ଶେଖ୍‌ଙ୍କ ପିଲାମାନେ ହେଲିକପ୍ଟରରେ ବିଦ୍ୟାଳୟ ଯାଇଥାନ୍ତି । ୨୦୧୯ ଜାନୁଆରୀରେର ଦୁବାଇର ରାସ୍ତାଘାଟ ନେଇ ଏକ ଅନୁଧ୍ୟାନ ହୋଇଥିଲା । ବ୍ରିଟେନ୍‌ର ଏକ ସଂସ୍ଥା ଏହି ସର୍ବେକ୍ଷଣ କରିଥିବାର ପ୍ରକାଶ । ଦୁବାଇ ସଡ଼କରେ ଦୈନିକ ସଂଖ୍ୟାଧିକ କାର୍ ଯାତାୟତ କରୁଥିବାବେଳେ କାଁଭାଁ ମଟରସାଇକଲ୍‌ରେ ଲୋକେ ଯାତାୟତ କରିଥାନ୍ତି । ୮୭% କାର୍ ବହୁ ମୂଲ୍ୟର ବୋଲି ଜଣାପଡ଼ିଛି । ଅନ୍ୟପାଖେ କେବଳ ଖାଦ୍ୟ ଡେଲିଭରୀ କରୁଥିବା ଲୋକ ଓ ଖବରକାଗଜ ଘରେ ଘରେ ପକାଉଥିବା ହକର୍ ହିଁ ମଟରସାଇକଲ୍ ଚଳାଇଥାନ୍ତି । ଗୋଟିଏ ଦିନରେ ସେଠାକାର ରାସ୍ତାରେର ୧୦ ଜଣରୁ କମ୍ ଲୋକ ସାଇକଲ ଚଳାଉଥିବାର ଜଣାପଡ଼ିଛି ।

# ରଙ୍ଗିନ୍ ସହର ଗ୍ୟାଙ୍ଗଟକ୍

**ତୁଷାରାଚ୍ଛନ୍ନ ଗିରିଶୃଙ୍ଗ, ସବୁଜିମାଭରା ପରିବେଶ, ଅଙ୍କାବଙ୍କା ପାହାଡ଼ି ନଈ, ରଙ୍ଗିନ ପ୍ରଜାପତି ଓ ଅର୍କିଡ୍‌ର ସହର ହେଲା ଗ୍ୟାଙ୍ଗଟକ୍ । କେଉଁ ଅଜଣା ଚିତ୍ରକରର ଯାଦୁକରୀ ସ୍ପର୍ଶରେ ଅପରୂପା ଶୋଭାଧାରଣା କରିଛି ଏହି ଶୈଳମଣ୍ଡିତ ସହର । ଅନନ୍ୟ ଏହା ପ୍ରାକୃତିକ ଶୋଭା ।**



**କେବେ ଯିବେ:**

ଗ୍ୟାଙ୍ଗଟକ୍ ଭ୍ରମଣ କରିବାର ସମୟ ହେଉଛି ମାର୍ଚ୍ଚରୁ ଜୁନ୍ ଏବଂ ଅକ୍ଟୋବରରୁ ଡିସେମ୍ବର । ତେବେ ଏପ୍ରିଲରୁ ମେ ମାସରେ ଏହି ରାଜ୍ୟକୁ ସର୍ବାଧିକ ପର୍ଯ୍ୟଟକ ଆସିଥାନ୍ତି । ଅକ୍ଟୋବର ମାସରେ ମଧ୍ୟ ନୂଆ କରି ଫୁଲ ଫୁଟିଥାଏ । ନଭେମ୍ବର ମାସରେ ଆକାଶ ମେଘମୁକ୍ତ ରହୁଥିବାରୁ ପ୍ରକୃତିର ନୈସର୍ଗିକ ଶୋଭା ଉପଭୋଗ କରିହୁଏ । ଏଠାକାର ଅଧିବାସୀମାନେ ମଧ୍ୟ ବେଶ ସରଳ ଓ ନିରାଡମ୍ବର ଜୀବନ ଯାପନ କରନ୍ତି ।



**କେମିତି ଯିବେ, କେଉଁଠି ରହିବେ:**

ଗ୍ୟାଙ୍ଗଟକ୍ ଯିବା ପାଇଁ ରେଳପଥର ସୁଯୋଗ ନାହିଁ । ନିଉଜଲପାଇଗୁଡ଼ି କିମ୍ବା ଦାର୍ଜିଲିଂରୁ କଣ୍ଡକଟେଡ୍ ଟୁର୍‌ରେ ବସ କିମ୍ବା ଘରୋଇ ଗାଡ଼ି ଯୋଗେ ଗ୍ୟାଙ୍ଗଟକ୍ ଭ୍ରମଣ ରେ ଯାଇପାରିବେ । ଏଠାରେ ରହିବା ପାଇଁ ଛୋଟବଡ଼ ଅନେକ ହୋଟେଲ ରହିଛି ।

ପୂର୍ବ ହିମାଳୟର 'ବିଉଟି ସ୍ୱଟ' ସିକିମ, ଦେଶର ଦ୍ୱିତୀୟ କ୍ଷୁଦ୍ରତମ ରାଜ୍ୟ । ତୁଷାରାଚ୍ଛାଦିତ କାଞ୍ଚନଜଙ୍ଘାର ବିଚ୍ଛୁରିତ ଜ୍ୟୋତିର୍ମୟ ଆଲୋକରେର ଦୀପ୍ତମାନ ଏହି ରାଜ୍ୟ । ମୋଟ ଚାରିଟି ଜିଲ୍‌ଲାକୁ ନେଇ ଗଢ଼ି ଉଠିଥିବା ଏହି ଛୋଟ ରାଜ୍ୟର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ । ଅଧିକାଂଶ ଅଧିବାସୀ ବୌଦ୍ଧଧର୍ମାଲମ୍ବୀ । ଏହାର ଇତିହାସ, ସଂସ୍କୃତି ଓ ଆର୍ଥିକ ଦର୍ଶନ ତିବ୍ବତ ଦ୍ୱାରା ପ୍ରଭାବିତ । ଗ୍ୟାଙ୍ଗଟକ ଏହାର ରାଜଧାନୀ । ନାନ୍ଦନିକ ସୌନ୍ଦର୍ଯ୍ୟରେ ଭରପୂର ଏହି ଛୋଟ ସହରକୁ ଦେଖିଲେ ମନେ ହୁଏ, ସତେ ଯେମିତି କାନ୍‌ଭାସ୍‌ରେ ଅଙ୍କା ଛବିଟିଏ । ମାତ୍ର ତିନି ଘଣ୍ଟାରେ ଏହି ସହରଟିକୁ ତନ୍ନତନ୍ନ କରି ବୁଲି ଦେଖିହେବ । ଏହାର ମୁଖ୍ୟ ଆକର୍ଷଣ ହେଲା ଏଠାକାର ପ୍ରାକୃତିକ ଶୋଭାଭଳି ଯାହାର କୌଣସି ପଟାନ୍ତର ନାହିଁ । ଗ୍ୟାଙ୍ଗଟକ୍‌ରୁ ପଶ୍ଚିମ ଦିଗରେ ଟିକେ ଆଗକୁ ଗଲେ କାଞ୍ଚନଜଙ୍ଘା ଅପୂର୍ବ ଛଟା ଦୃଶ୍ୟମାନ ହୋଇଥାଏ । ସହରର ବିଭିନ୍ନ ସ୍ଥାନରେ ସ୍ଥାପତ୍ୟ କଳାର ଅପୂର୍ବ ଦୃଷ୍ଟାନ୍ତ ଦେଖିବାକୁ ମିଳେ ।

ଗ୍ୟାଙ୍ଗଟକ୍‌ର ଆଉ ଏକ ଆକର୍ଷଣ ହେଲା ଏଠାକାର ପ୍ରଜାପତି ପାର୍କ । ଏହା ଆମ ଦେଶର ଏକମାତ୍ର ପ୍ରଜାପତି ପାର୍କ । ଏହି ପାର୍କରେ ୪୦୦ରୁ ଅଧିକ ପ୍ରଜାତିର ରଙ୍ଗିନ ପ୍ରଜାପତି ଦେଖିବାକୁ ମିଳନ୍ତି । ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଥିବା ଏହି ରଙ୍ଗୀନ ପ୍ରଜାପତିଙ୍କୁ ଏବେ ସଂଖ୍ୟାରେ ଭାରତର ଆଉ କେଉଁ ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଗ୍ୟାଙ୍ଗଟକରୁ ୧୫ କିମି ଦୂରରେ ଅବସ୍ଥିତ 'ମାର୍ତମଖୋଲା ଟାଓ୍ୱାର ପାର୍କ' ମଧ୍ୟ ବୁଲି ଦେଖିପାରିବେ । ଗ୍ୟାଙ୍ଗଟକ୍‌ରେ 'ରୋପ୍ ଓ୍ୱେ'ରେ ମଜା ମଧ୍ୟ ବେଶ ନିଆରା । ଏଥିରେ



ବସି ସହରର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସ୍ମୃତି ସାରା ଜୀବନ ଭୁଲିପାରିବେ ନାହିଁ । ଗ୍ୟାଙ୍ଗଟକ୍ ଯାଇଥିଲେ 'ଅର୍କିଡ ଫାର୍ମ' ଭ୍ରମଣ କରିବାକୁ ଭୁଲିବେ ନାହିଁ । ଗ୍ୟାଙ୍ଗଟକ୍‌ରେ ବହୁ ଅର୍କିଡ ଫାର୍ମ ଅଛି । ରଙ୍ଗବେରଙ୍ଗୀ ଅର୍କିଡ ଫୁଲର ସୌନ୍ଦର୍ଯ୍ୟ ଜଣକୁ କିଛି ସମୟ ପାଇଁ ମନ୍ତ୍ରମୁଗ୍ଧ କରିଦେଇଥାଏ । ଗ୍ୟାଙ୍ଗଟକ୍‌ରେ ଅଛି 'ହିମାଲୟାନ ଜୁଲଜିକାଲ ପାର୍କ' । ଏଠାରେ ଲାଲ ପାଣ୍ଡା, କଳା ଭାଲୁ, ନୀଳ ମେଣ୍ଢା ସମେତ ଆହୁରି ଅନେକ ଜୀବଜନ୍ତୁ ଦେଖିବାକୁ ମିଳନ୍ତି ।

**କ'ଣ ଦେଖିବେ:**

ଗ୍ୟାଙ୍ଗଟକ୍‌ରେ ଦେଖିବା ଭଳି ଅନେକ ଜାଗା ଅଛି । ପହଞ୍ଚିବା ମାତ୍ରେ ଦେଖିପାରିବେ 'ଏନ୍‌ଚେ ମନାଷ୍ଟ୍ରି' । ଚୀନ ପାଗୋଡ଼ା ଅନୁକରଣରେର ତିଆରି ହୋଇଛି ଏହି ବୌଦ୍ଧପୀଠ । ଏଠାରେ ବହୁ ଦେବାଦେବୀଙ୍କ ପ୍ରତିକୃତି । ଜାତୀୟ ରାଜପଥରୁ ମନାଷ୍ଟ୍ରିକୁ ୮ କିମି ଆଗକୁ ଗଲେ ପଡ଼ିବ 'ତାଶି ଭିଉ ପଏଣ୍ଟ' । ଏହି ସ୍ଥାନରୁ କାଞ୍ଚନଜଙ୍ଘାର ନୈସର୍ଗିକ ସୌନ୍ଦର୍ଯ୍ୟ ଅତୀବ ମନୋରମ । ଏହି ସ୍ଥାନରେ ସୂର୍ଯ୍ୟୋଦୟର ଦୃଶ୍ୟ ମଧ୍ୟ ମନୋମୁଗ୍ଧକର ।

## ସୁନ୍ଦର୍ ଅଥଚ ବିଷାକ୍ତ

ରୁଷ୍‌ର ସାଇବେରିଆସ୍ଥିତ ଏକ ଛୋଟ ହ୍ରଦରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ । ଗାଢ଼ ନୀଳ ରଙ୍ଗର ଏହି ହ୍ରଦ କୂଳରେ ବସି ସମୟ କାଟିବାର ଅଭିଜ୍ଞତା ଅଭୁଲା । ତଥାପି ହ୍ରଦଟି ପାଖକୁ ନ ଯିବା ପାଇଁ ନିଷେଧ ଜାରି କରାଯାଇଛି । କାରଣ ଏହା ହ୍ରଦ ଭଳି ଦୃଶ୍ୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ବିଷାକ୍ତ ପାଣିରର ଏକ ବିଶାଳ ଜଳାଶୟ । ଏହି ହ୍ରଦ ପାଖରେ ଲୋକେ ଫଟୋ ଉଠାନ୍ତି । ହ୍ରଦର ବିଷାକ୍ତ ପାଣି ବିଷୟରେ ଜଣେ ଯୁବତୀ ସୂଚନା ଦେଇଥିଲେ । ସେ ଏକ ଫଟୋସୁଟ୍ ପାଇଁ ପାରି ମଧ୍ୟକୁ ପ୍ରବେଶ କରିଥିଲେ । ପାଣିରୁ ବାହାରିବା ପରେ ତାଙ୍କ ଦେହରୁ ଲାଲ୍ ଦାଗ ସୃଷ୍ଟି ହୋଇଥିଲା ଓ ଶ୍ୱାସପ୍ରଶ୍ୱାସ ନେବାରେର କଷ୍ଟ ଅନୁଭବ ହୋଇଥିଲା । ନିକଟସ୍ଥ ଏକ ପାଓ୍ୱାର୍ ପ୍ଲାଣ୍ଟ୍‌ରୁ ନିର୍ଗତ ତରଳ ରାସାୟନିକ ବର୍ଜ୍ୟବସ୍ତୁ ଜମା ହୋଇ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି । ସହରରର ଲୋକମାନେ ଏହାର ନାମ ଦେଇଛନ୍ତି 'ସାଇବେରିଆନ୍ ମାଲଦୀଭ୍‌ସ' । ଏହାର ପାଣରରି ଏତେ ବିଷାକ୍ତ ଯେ ଏଥିରେ କୌଣସି ଜଳଚର ପ୍ରାଣୀ ଜୀବିତ ରହି ପାରନ୍ତି ନାହିଁ ? କିନ୍ତୁ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ କହିବା ହେଲା ଏହି ହ୍ରଦର ପାଣି ବିଷାକ୍ତ ନୁହେଁ, ଅତ୍ୟଧିକ କ୍ଷାରୀୟ ଯୋଗୁ ଏପରି ହୋଇଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁବିଧାବାଦୀ ଚିନ୍ତାଧାରା...

କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରରୁ ଉଚ୍ଛେଦ କଲେ ଧାରା ୩୭୦ ଏବଂ ୩୫ ଏ(କ) ଯାହା ଏହି ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିଲା । ଏହାର ମାତ୍ର କେତେ ଘଣ୍ଟା ପୂର୍ବରୁ ରାଜ୍ୟର ସମସ୍ତ ମୁଖ୍ୟସ୍ରୋତର ନେତୃତ୍ୱବୃନ୍ଦଙ୍କୁ ଅଟକବନ୍ଦୀ କରାଯାଇଥିଲା । ଏହି ନେତାମାନଙ୍କ ମଧ୍ୟରେ ଥିଲେ ପିପଲସ୍ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ନେତ୍ରୀ ତଥା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଯାହାଙ୍କୁ ଦୀର୍ଘ ୧୪ ମାସ ପରେ ମଙ୍ଗଳ ବାର ଦିନ ମୁକ୍ତ କରାଯାଇଛି । ମୁକ୍ତ ହେବା ପରେ ମୁଫ୍ତି ରାଜ୍ୟର ଅନ୍ୟ ପୂର୍ବତନ ମୁଖ୍ୟ ମନ୍ତ୍ରୀ ଫାରୁକ୍ ଏବଂ ଓମାର ଅବ୍ଦୁଲ୍ଲାଙ୍କ ସହିତ ମିଶି ରାଜ୍ୟର ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ସେମାନଙ୍କ କହିବା ମୁତାବକ ଗପ୍କାର ଘୋଷଣାନାମା ପାଇଁ ପିପଲ'ସ୍ ଆଲିଆନ୍ସ ବା ଲୋକମାନଙ୍କ ମେଣ୍ଟ ଗଠନ କରିବାକୁ ଏକ ବୈଠକ କରିଛନ୍ତି । ଗତ ଚଉଦ ମାସ ଭିତରେ ଜାମ୍ମୁ-କାଶ୍ମୀରରେ ଯେଭଳି ଦ୍ରୁତଗତିରେ ଘଟଣାମାନ ଘଟି ଚାଲିଛି, ସେହି ପରିପ୍ରେକ୍ଷୀରେ ବର୍ତ୍ତମାନ ନ୍ୟାସନାଲ କନ୍ଫରେନ୍ସ (ଏନ୍‌ସି) ଏବଂ ପିଡିପି ଯେ ଗତ ଦୁଇ ଦଶନ୍ଧି ଧରି ପରସ୍ପରର ତୀବ୍ର ବିରୋଧୀ ଥିଲେ, ତାହା ଭୁଲିଯିବା ଖୁବ୍ ସହଜ ହୋଇ ଯାଇଛି । ଆଜି ଆଉ ସେଦନ ନାହିଁ ଯେତେବେଳେ କି ଅବ୍ଦୁଲ୍ଲା ପରିବାର ସେମାନଙ୍କର ଆଧିପତ୍ୟକୁ କ୍ଷୁର୍ଣ୍ଣ କରିବା ନିମନ୍ତେ ସରକାର ପିଡିପିକୁ ହାତବାରିସୀ କରିଥିବା ବିବେଚନା କରୁଥିଲେ କି ପିଡିପିର ମୁଫ୍ତି ମଧ କାଶ୍ମୀରର ଦୁର୍ଦ୍ଦଶା ପାଇଁ ନ୍ୟାସନାଲ କନ୍ଫରେନ୍ସ ନୂଆଦିଲ୍ଲୀ ସହିତ ହାତ ମିଳାଇଛି ବୋଲି ଦୋଷାରୋପ କରୁଥିଲେ । ବରଂ ବର୍ତ୍ତମାନ ଉଭୟ ଏନ୍‌ସି ଓ ପିଡିପି ବୁଝି ପାରିଛନ୍ତି ଯେ ସେମାନଙ୍କ ରାଜନୀତିକ ଅସ୍ତିତ୍ୱ ବିପଦାପନ୍ନ । କାଶ୍ମୀରର ମୁଖ୍ୟସ୍ରୋତର ରାଜନୀତିକ ଦଳଗୁଡ଼ିକ ପାକ୍-ପ୍ରାୟୋଜିତ ଆତଙ୍କବାଦର ବିରୋଧ କରୁଥିଲେ, କିନ୍ତୁ ନୀତିଗତ ଭାବରେ ଭାରତ ଭିତରେ ସେମାନେ ରାଜ୍ୟର ସ୍ୱାୟତ୍ତତା ବଜାୟ ରହିବା ଇଚ୍ଛା କରି ଆସୁଥିଲେ । ଧାରା ୩୭୦ର ଉଚ୍ଛେଦ ସେମାନଙ୍କର ଏହି ରାଜନୀତିକ ଆକାଂକ୍ଷା ଉପରେ ପାଣି ଢାଳି ଦେଇଛି । କେନ୍ଦ୍ର ସରକାରଙ୍କ ନିକଟରେ ସେମାନେ ନିଜ ନିଜକୁ ସମର୍ପଣ କରି ଦେଇଛନ୍ତି ବୋଲି ଅନେକତ୍ର ନିନ୍ଦାର ଶିକାର ହୋଇଛନ୍ତି, ଯେତେବେଳେ କି କେନ୍ଦ୍ର ସରକାର ସେମାନଙ୍କୁ ଅବିଶ୍ୱାସର ପାତ୍ର ବୋଲି ବିବେଚନା କରି ଆସିଛନ୍ତି । ସମ୍ପ୍ରତି ମୁଫ୍ତିଙ୍କ ମୁକ୍ତି ପରେ ଉଭୟ ଦଳ ଅନୁଭବ କରିଛନ୍ତି ଯେ କେବଳ ସେମାନେ ଏକାଠି ମିଶି ଯଦି ଏକ ସାମ୍ମୁଖ୍ୟ ଗଠନ କରି ପାରିବେ, ତା' ହେଲେ ଦେଶ ଭିତରେ କାଶ୍ମୀରର ପୂର୍ବ ସ୍ଥିତିକୁ ଫେରାଇ ଆଣିବା ନିମନ୍ତେ କେନ୍ଦ୍ର ସରକାରଙ୍କ ସହିତ ପୁଣି ଥରେ ଆଲୋଚନା ଆରମ୍ଭ କରିବା ସମ୍ଭବପର ହୋଇ ପାରିବ । ଏକଥା ନିଶ୍ଚିତ ଯେ ଧାରା ୩୭୦ର ପ୍ରତ୍ୟାବର୍ତ୍ତନର ଆଶାକୁ ସେମାନେ ପରିତ୍ୟାଗ କରି ପାରିବେ ନାହିଁ । କିନ୍ତୁ ଏହା ଆଉଥରେ ଲାଗୁ ହେବା ମଧ ସହଜ ନୁହେଁ, ବରଂ ଅସମ୍ଭବ କହିଲେ ଅଧିକ ଠିକ୍ ହେବ । ତେଣୁ ସେମାନେ ଏହି ଧାରା ଉଚ୍ଛେଦ ହେବା ପରେ ଜାମ୍ମୁ-କାଶ୍ମୀରକୁ ପରିଣତ କରାଯାଇଥିବା କେନ୍ଦ୍ରଶାସିତ ଅଞ୍ଚଳ ପରିବର୍ତ୍ତେ ରାଜ୍ୟର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଦାବି କରିବା ଏକ ଅଧିକ ବାସ୍ତବବାଦୀ ଦାବି ହେବ ବୋଲି କୁହାଯାଇପାରେ । କାଶ୍ମୀରର ଏହି ମୁଖ୍ୟସ୍ରୋତର ରାଜନୀତିକ ଦଳମାନଙ୍କ ନେତାମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠିତ ହେବା କେନ୍ଦ୍ର ସରକାରଙ୍କ ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ମଧ କହିହେବ, କାରଣ ଏହାଦ୍ୱାରା କେନ୍ଦ୍ର ସରକାର ସବୁ ନେତାଙ୍କ ସହିତ ବିସ୍ତୃତ ଭାବରେ ସବୁକିଛି ଆଲୋଚନା କରିବା ନିମନ୍ତେ ସୁଯୋଗ ପାଇ ପାରିବେ । ଅନ୍ୟଥା, ଗୋଟିଏ ରାଜନୀତିକ ଦଳ ଅନ୍ୟ ରାଜନୀତିକ ଦଳକୁ 'ମୁଣ୍ଡ ବିକି ଦେଇଥିବା' କହି ସମାଲୋଚନା କରିବା ସହଜ ହୋଇଯିବ । ଧାରା ୩୭୦ ହଟାଇ ଦିଆଯିବା ପରେ ବିଗତ ଚଉଦ ମାସ ଭିତରେ କାଶ୍ମୀରରେ ଯେ ସେପରି ବିଶେଷ କିଛି ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇଛି, ତାହା କହିବା ସହଜ ନୁହେଁ । ଏହି ସମୟ ଭିତରେ ରାଜ୍ୟରୁ ଆତଙ୍କବାଦୀ ଘଟଣା ଲୋପ ପାଇ ଯାଇ ନାହିଁ । ୨୦୧୮ ରେ ଏହି ରାଜ୍ୟର ମୋଟ ୧୯,୫୮୨ ପଞ୍ଚ ଏବଂ ସରପଞ୍ଚ ଆସନ ମଧ୍ୟରୁ ୭,୫୨୮ଟିରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବିଗତ ଦିନଗୁଡ଼ିକରେ ଏହି ନିର୍ବାଚନରେ ବିଜୟ ପଞ୍ଚ ଏବଂ ସରପଞ୍ଚ ତଥା କେତେକ ନେତାଙ୍କୁ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବରେ ବିବେଚନା କରାଯାଇ ହତ୍ୟା କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବାରୁ କାଳେ ସେମାନଙ୍କ ଉପରେ ଆକ୍ରମଣ ହେବ, ସେଇ ଭୟରେ ଏବେ ସୁଦ୍ଧା ଅନେକ ନିର୍ବାଚିତ ସରପଞ୍ଚ ଶ୍ରୀନଗରର ହୋଟେଲ ମାନଙ୍କରେ ଲୁଚିକରି ରହୁଛନ୍ତି । ଜଣେ ନିମ୍ନ ସ୍ତରର ପ୍ରମୁଖ ରାଜନେତା ଭାବରେ ତାଙ୍କର ମୁଖ୍ୟ କାର୍ଯ୍ୟ ହେବ ବିଜେପିର କୌଣସି ଯୋଜନାକୁ ଭଣ୍ଡୁରର ନକରି ସ୍ଥାନୀୟ ଲୋକ ଏବଂ ସବୁ ରାଜନୀତିକ ଦଳଙ୍କ ସହିତ ଆଲୋଚନା କରି ପରିସ୍ଥିତିକୁ ସ୍ୱାଭାବିକ କରିବା । ସମୟ କହିବ, କାଶ୍ମୀରର ସ୍ଥିତି କେବେ ସ୍ୱାଭାବିକ ହେଉଛି ।

## କବିତା କୋଣାର୍କ

### ମଉସୁମୀ ଆଜି ରୁଷିଛି..

ଅନିଲ କୁମାର ତ୍ରିପାଠୀ

ମଉସୁମୀ ଆଜି ରୁଷିଛି,
ମଉସୁମୀ ଆଜି ରୁଷିଛି
ଧରଣୀ ବକେ ବର୍ଷା ରାଣୀର
ଠିକଣା ଆଜି ଅଜିଛି
ଚାଷୀ ପୁଅ ଆଉ ହଳଧରି
ବିଲମାଳକୁ ଯାଉନି
ଝିପିଝିପି ବରଷାରେ ଭିଜି ଭିଜି
ସେ ଗୀତ ଗାଉନି ।

ଟ୍ରାକ୍ଟରର ଗୁରୁ ଗର୍ଜନ କାନକୁ
ଫଟାଇ ଦେଉଛି
ମଉସୁମୀ ଆଜି ରୁଷିଛି,
ମଉସୁମୀ ଆଜି ରୁଷିଛି
ଚଷା ଘର ବୋହୂ ଘୋଟଣା
ନେଇ ବିଲକୁ ନ ଯାଉଛି,
ଫେସବୁକ୍ ଓ ହ୍ୱାଟସପ୍ ରେ
ଚାଟିଙ୍ଗ୍ ବସି କରୁଛି ।

ରୁଆଳି ନାନୀକୁ ହୁଳହୁଳି
ଦେବା ତ ଏବେ ଆସୁନି,
ମୋବାଇଲର ଇଅର ଫୋନ
କାନରୁ ଜମା ଖସୁନି
ଘୋଟଣା ନଖାଇ ଚାଷୀଭାଇ
ବିଅର ବସି ପିଉଛି,
ଧରଣୀ ବୁକେ ବର୍ଷା ରାଣୀର
ଠିକଣା ଆଜି ହଜିଛି
ବଣ ଜଙ୍ଗଲ କାଟିକୁଟି ମଣିଷ
ଟାଙ୍ଗରା କରିଛି,
ପ୍ରଗତି ନାମେ ଦୁର୍ଗତିକୁ
ନିମନ୍ତ୍ରଣ କରି ଡାକିଛି ।


+ ସହକାରୀ ଶିକ୍ଷକ,
ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଶେରଗଡ଼, ଗଂଜାମ
ମୋ: ୭୩୮୧୫୫୮୩୧୦


## ଗଣତନ୍ତ୍ର ରାଷ୍ଟ୍ରରେ ନାରୀଶିକ୍ଷା: କେତେ ସ୍ୱପ୍ନ କେତେ ବାସ୍ତବ


ଶ୍ରୀ ସୌଭାଗ୍ୟ ରଞ୍ଜନ ମହାପାତ୍ର


ଯୁଗେ ଯୁଗେ ନାରୀ ପୁରୁଷର ଅନୁଗାମିନୀ, ସହଯାତ୍ରୀଣୀ ସହକର୍ମିଣୀ, ବାନ୍ଧବୀ ଓ ସହଧର୍ମିଣୀ ଆଖ୍ୟା ପାଇଛି। ଜୀବନର ପ୍ରତ୍ୟେକ କର୍ମକାଣ୍ଡରେ ସେ ପୁରୁଷ ସହ ଜଡିତ। ନାରୀ ସହକାର୍ଯ୍ୟରେ ପୁରୁଷର ଜୀବନ ହୁଏ ମଧୁମୟ ଓ ସୁନ୍ଦର। କିନ୍ତୁ ଯେଉଁଠି ନାରୀ ଅତ୍ୟାଚାରିତା, ଅବହେଳିତ ଓ ଅପମାନିତା ସେଠି ଶନ୍ତି ଓ ପ୍ରଗତିର ସ୍ୱପ୍ନ ଦେଖିବା ସୁଦୂର ପରାହତ। ନାରୀ କେବଳ ଭୋଗ୍ୟର ବସ୍ତୁ କି ସନ୍ତାନ ଜନ୍ମ କରିବା ମେସିନ ନୁହଁ। ନାରୀର ସ୍ଥାନ ବହୁତ ଉଚ୍ଚରେ। ସମାଜରେ ତେଣୁ ନାରର ଆବଶ୍ୟକତା ବହୁ ଗୁଣରେ। ଆମ ଦେଶ ଉନ୍ନତି କରିନି କାରଣ ଆମେ ଜୀବନ୍ତ ଶକ୍ତିପ୍ରତିମାକୁ ପୂଜା କରିବା ଶିଖିନୁ। ଯଥାର୍ଥରେ ମନୁ କହିଛନ୍ତି- ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ଦେବତା" ଅର୍ଥାତ ଯେଉଁଠାରେ ନାରୀ ଜାତିର ପୂଜା କରାଯାଏ ସେଠାରେ ଦେବତା ବିହାର କରନ୍ତି। ନାରୀର ମର୍ଯ୍ୟାଦାକୁ ସ୍ୱୀକାର କରି କେଉଁ ବୈଦିକ ଯୁଗରୁ ଭାରତରେ ଏହି ବାଣୀଟି ପ୍ରଚଳିତ ହୋଇଆସିଛି। ଭାରତରେ ନାରୀ ଶିକ୍ଷାର ଇତିହାସ ସୁପ୍ରାଚୀନ। ବୈଦିକ ଯୁଗରେ ନାରୀମାନେ ଉପନୟନ ଉତ୍ସବରେ ପବିତ୍ର ଉପବୀତ ଧାରଣ କରି ବ୍ରହ୍ମଚର୍ଯ୍ୟ ଅବଲମ୍ବନ ପୂର୍ବକ ବେଦ, ବେଦାନ୍ତ ଓ ଶାସ୍ତ୍ର ପୁରାଣ ଆଦି ପାଠ କରୁଥିଲେ। ଭବଭୂତିଙ୍କ ରଚିତ "ଉତ୍ତର ରାମଚରିତ" ରେ ଅତ୍ରେୟୀ ବାଲ୍ମୀକି ଆଶ୍ରମରେ ବେଦାନ୍ତ ଅଧ୍ୟୟନ କରିବା, "ବୃହଦାରଣ୍ୟକ" ଉପନିଷଦ ଅନୁଯାୟୀ ଜନକଙ୍କ ରାଜସଭାରେ ଗାର୍ଗୀଙ୍କ ପ୍ରଶ୍ନବାଣରେ ମହର୍ଷି ଯାଜ୍ଞବଲକ୍ୟ ଉତ୍ତର ଦେଇ ନପାରିବା, ତଥା ନିଜ ପତ୍ନୀ ମୈତ୍ରେୟୀଙ୍କ ଜ୍ଞାନ ଆଗରେ ମଧ ପରାଜୟ ସ୍ୱୀକାର କରିବା ଆଜିବି ଉଜ୍ଜିବିତ ହୋଇ ରହିଛି। ସେହିପରି ଗଣିତ ଶାସ୍ତ୍ର ବିଶାରଦ ଲୀଳାବତୀ ଖନା, ଆପଲା, ଯମୀ, ଦେବହୂତି, ଭାନୁମତୀ ଓ ପ୍ରବୀଣାବାଇ ପ୍ରଭୃତି ମହୀୟସୀ ନାରୀମାନେ ନିଜର ଜ୍ଞାନ ପାଇଁ ଯୁଗେ ଯୁଗେ ଅମର ହୋଇ ରହିଛନ୍ତି। ସଂସାର ରୂପକ ରଥରେ ନାରୀ ଓ ପୁରୁଷ ଉଭୟ ଦୁଇଟି ଚକ ସଦୃଶ୍ୟ। ଉଭୟେ ଉଭୟଙ୍କର ପରିପୁରକ। ଗୋଟିକର ବ୍ୟତିରେକେ ଅନ୍ୟଟି ଅଚଳ ପ୍ରାୟ ବା ଗୋଟିଏ ଦୁର୍ବଳ ହେଲେ ଅନ୍ୟ ଉପରେ ବିଶେଷ ମାଡ଼ ପଡିଥାଏ। ତେଣୁ ଈଶ୍ୱର ସଂସାରକୁ ସୁନ୍ଦର ଓ ସୁଗଠିତ କରିବା ପାଇଁ ନରୀ ପୁରୁଷ ଉଭୟ ସୃଷ୍ଟି କରିଛନ୍ତି। ଆଉ ସେଥିପାଇଁ ବୋଧେ ପୃଥିବୀର ପ୍ରଥମ ପୁରୁଷ ମନୁ ଓ ପ୍ରଥମ ନାରୀ ଶରତରୂପାଙ୍କ କଥା ବର୍ଣ୍ଣିତ ଅଛି। କିନ୍ତୁ ମଧ୍ୟଯୁଗରେ ଏହି ନାରୀ ସ୍ୱାଧିନତାର ଚରମ ଦୁର୍ଗତି ଘଟିଥିଲା। ମୁସଲମାନ ଶାସନ କାଳରେ ପରଦା ପ୍ରଥାର ପ୍ରଚଳନ ଦ୍ୱାରା ନାରୀକୁ ଗୃହ ବନ୍ଦିନୀ କରି ତା'ର ସମସ୍ତ ସ୍ୱାଧୀନତା ଓ ସ୍ୱତନ୍ତ୍ରତାକୁ ରସାତଳଗାମୀ କରାଯାଇଥିଲା। ଊନବିଂଶ ଶତାବ୍ଦୀର ନବଜାଗରଣ ପ୍ରକ୍ରିୟାରେ ଇଂରେଜ ମିଶନନାରୀ ମାନେ ନାରୀ ଶିକ୍ଷାର ପ୍ରସାର ନିମନ୍ତେ ଉଦ୍ୟମ କରିଥିଲେ ମଧ ଜନ ସହଯୋଗ ଅଭାବରୁ ତାହା ସଫଳ ହୋଇ ପାରିନଥିଲା। ଏହାର ପରିବର୍ତ୍ତୀ ସମୟରେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ମଧୁସୂଦନ ରାଓ ଏବଂ ବିଶ୍ୱନାଥ କରଙ୍କ ଭଳି ମହାନାୟକମାନେ ନାରୀ ଶିକ୍ଷାର ପ୍ରଚାର ଓ ପ୍ରଚାର କରି ଆର୍ଦର୍ଶ ସୃଷ୍ଟି କରିପାରିଛନ୍ତି। ୧୮୫୭ପରେ ଭାରତ ଶାସନ ଭାର ଇଷ୍ଟ ଇଣ୍ଡିଆ "ଲେଡଇ ଡଫରିନ୍ ଫଣ୍ଡ" ନାମକ ପାଣ୍ଠି ସୃଷ୍ଟି କରାଯାଇଥିଲା। ଜାତିର ଜନକ ମାହାତ୍ମା ଗାନ୍ଧୀ ମଧ ନାରୀ ଶିକ୍ଷା ପ୍ରଗତି ଓ କଲ୍ୟାଣ ଉପରେ ଧ୍ୟାନ ଦେଇଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନରେ ନାରୀ ଓ ପୁରୁଷମାନଙ୍କୁ ସମାନତା ଦିଆଯିବା ପରେ ୧୯୫୯ରେ ଶ୍ରୀମତି ଦୁର୍ଗାବାଈ ଦେଶମୁଖଙ୍କ ଅଧ୍ୟକ୍ଷତାରେ ନାରୀ ଶିକ୍ଷା ପାଇଁ ଜାତୀୟ କାଉନସିଲ ଗଠନ କରାଯାଇଥିଲା। ଓଡ଼ିଶାରେ ନାରୀ ଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ମୁଖ୍ୟ ଭୂମିକା ଥିଲା। ୧୯୦୭ ରେ ସେ ଇଂଲଣ୍ଡରୁ ପ୍ରଶିକ୍ଷଣ ସମାପ୍ତ କରି ଫେରିବା ପରେ ନାରୀ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ୧୯୦୮ ଫେବୃଆରୀ ୮ରେ ସେ ରେଭେନ୍ସା ବାଳିକା ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କଲେ। ୧୯୧୩ରେ ତାଙ୍କ ଉଦ୍ୟମରେ ରେଭେନ୍ସା ବାଳିକା ବିଦ୍ୟାଳୟ ପରିସରରେ ଅନ୍ତମାଧମିକ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଥିଲା। ଏଇଠୁ ହିଁ ରାଜ୍ୟର ପ୍ରଥମ ମହିଳା କଲେଜ ଶୈଳବାଳା ମହିଳା ମହାବିଦ୍ୟାଳୟର ଭିତ୍ତିଭୂମି ପଡ଼ିଥିଲା। ୧୯୫୨ ମସିହା ଅପ୍ରେଲ ୨୮ରେ ଶୈଳବାଳା ମହିଳା କଲେଜର ନୂତନ ଗୃହ ଉଦ୍‌ଘାଟିତ ହୋଇ ମଧୁବାବୁଙ୍କ ସ୍ମୃତିରେ ଏହାର ନାମ "ମଧୁସୂଦନ ମହିଳା କଲେଜ" ରଖିବାକୁ ଶୈଳବାଳା ପ୍ରସ୍ତାବ ଦେଇଥିଲେ। ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନାରୀ ଶିକ୍ଷାରେ ଶୈଳବାଳାଙ୍କ ବିଶେଷ ଅବଦାନ ପାଇଁ ଏହାର ନାମ "ଶୈଳବାଳା ମହିଳା ମହାବିଦ୍ୟାଳୟ" ରଖିଥିଲେ। ସେହିପରି ମୁସଲମାନ ସମ୍ପ୍ରଦାୟରେ ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ନିକଟ ଅତୀତରେ ମଲାଲା ୟୁସୁଫଜାଇଙ୍କ ସଂଘର୍ଷ ଓ ଉଲ୍ଲେଖନୀୟ ଅବଦାନ ପାଇଁ ମାତ୍ର ୧୪ ବର୍ଷ ବୟସରେ ପାକିସ୍ତାନ ସରକାରଙ୍କ ପକ୍ଷରୁ ଯୁବ ଶାନ୍ତି ପୁରସ୍କାର, ୟୁନିସେଫ ଦ୍ୱାରା ଆର୍ନ୍ତଜାତିକ ଶିଶୁ ଶାନ୍ତି ପୁରସ୍କାର ଏବଂ ୨୦୧୪ ରେ ମଲାଲାଙ୍କୁ ସର୍ବକନିଷ୍ଠ ଭାବେ ନୋବେଲ ଶାନ୍ତି ପୁରସ୍କାର ସମ୍ମାନିତ କରାଯାଇଥିଲା। "ଶିକ୍ଷା" ଶବ୍ଦଟିର ଗୋଟିଏ ବାକ୍ୟରେ ପ୍ରକାଶ କୀବା ଅସମ୍ଭବ। ଶିକ୍ଷିତ ହେବାର ଅର୍ଥ କେବଳ କୌଣସି ଅନୁଷ୍ଠାନରେ ଶିକ୍ଷାଗ୍ରହଣ କରିବାରେ ସୀମିତ ନୁହେଁ। 'ଶିକ୍ଷିତ' ଓ 'ମୂଢ଼' ର ବିଚାର କେବଳ ବିଦ୍ୟାଳୟ ଯିବା ବା ନଯିବା ଉପରେ ନିର୍ଭର କରେ ନାହିଁ। ଯଦି ଆମେ 'ନାରୀ ଶିକ୍ଷା' କଥା କହିବା, ନାରୀଟି ସବୁବେଳେ ଶିକ୍ଷିତ। ଅବଧୂତ ଯେପରି ପ୍ରକୃତର ବିଭିନ୍ନ ଉତ୍ସରୁ ଚବିଶଟି ଗୁରୁଙ୍କ ଗ୍ରହଣ କରିଥିଲେ, ନାରୀ ମଧ ନିଜ ପାରିପାର୍ଶ୍ୱିକ ସ୍ଥିତିରୁ ହିଁ ଜୀବନର ମୌଳିକ ଶିକ୍ଷା ଆହରଣ କରେ। କେବେ ଚାଟଶାଳୀ ମାଟି ମାଡିନ ଥିବା ଗୃହିଣୀଟିଏ, ନିଜ ଘରର ଆୟ-ବ୍ୟୟର ହିସାବ ରଖେ, ରୋଷେଇରେ ତେଲ-ମସଲା ସନ୍ତୁଳନ ରଖେ ପରିବାର ସଦସ୍ୟଙ୍କର ସ୍ୱାସ୍ଥ୍ୟର ଯତ୍ନ ନିଏ ଓ ସର୍ବ ପରି ପିଲାମାନଙ୍କୁ ସଂସ୍କାର ଶିକ୍ଷାଦେଇ ଭଦ୍ର ଓ ମାର୍ଜିତ କରେ। ଯେତେବେଳେ ଆମେ କହୁ ମାଆ ହିଁ ଶିଶୁର ପ୍ରଥମ ଗୁରୁ, ସେତେବେଳେ ଆମେ ଚିନ୍ତା କରୁନା ଯେ କାଆ କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିଛି ନାହିଁ। ଜୀବନରେ ମାଆଠାରୁ ଭଲ ଗୁରୁ କେହି ହୋଇପାରେନା। ଏକ ନାରୀ ହିଁ ସୃଷ୍ଟି। ନାରୀ କାଳେ କାଳେ କରି ଆସିଛି ନିଜ ଶ୍ରେଷ୍ଠତ୍ୱର ପ୍ରତିପାଦନ। ପୌରାଣିକ ଯୁଗର ମାତା ସୀତା ହୁଅନ୍ତି କି ଏବେ ର ବିଜ୍ଞାନ ଯୁଗର ନାରୀ ପ୍ରତିଟି କ୍ଷେତ୍ରରେ ନିଜ ଉତ୍କ୍ରଷତା ପ୍ରତିପାଦିତ କରିପାରିଛନ୍ତି। ଘରର ଚାରକାନ୍ଥରୁ ବାହାରି ସମାଜର ପ୍ରତିଟି କ୍ଷେତ୍ରରେ ନିଜକୁ ସାବ୍ୟସ୍ତ କରି ପାରିଛନ୍ତି। ସେ ନିଜ ସନ୍ତାନ ପାଇଁ ସର୍ବଂସହା ମାଆ ହୋଇପାରେ ତ କର୍ମ କ୍ଷେତ୍ରରେ ସାଜିପାରେ ତ୍ରାଣ କର୍ତ୍ତା। ସେ ସାଜି ପାରେ ମହାକାଶ ଅଭିଯାନର ମୁଖ୍ୟ, ଜଣେ ରାଷ୍ଟ୍ର ମୁଖ୍ୟ ସମଗ୍ର ଦେଶର ଅର୍ଥନୀତିକୁ ନିର୍ଦ୍ଧାରଣ କରୁଥିବା ଅର୍ଥ ମନ୍ତ୍ରୀ, ସେ ହୋଇ ପାରେ ପ୍ରଧାନ ମନ୍ତ୍ରୀ, ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟ ସେନାର କମାଣ୍ଡର, ସୁରର ମୁକଟ ବିହୀନ ମହାରାଣୀ ତ ପୁଣୀ ଦେଶର ଟେକ ରଖୁଥିବା ଜଣେ ମହାନ ଖେଳାଳି। ଏଇ କିଛି ବର୍ଷ ଭିତରେ ନାରୀମାନେ ଉଚ୍ଚ ଶିକ୍ଷା ଦିଗରେ ଅନେକ ଅଗ୍ରସର ହେଲେଣି। ଏପରି କୌଣସି କ୍ଷେତ୍ର ନାହିଁ, ଯେଉଁଠାଇ ସେମାନେ ନିଜର ଦକ୍ଷତା ପ୍ରତିପାଦନ କରି ନାହାନ୍ତି। ଏ ବିଷୟରେ ଅନେକ ତର୍କ ବିତର୍କ, ଆଲୋଚନା ମାନ ହୋଇସାରିଛି ଏବଂ ହେଉଛି ମଧ। ନବଜାଗରଣ ପ୍ରଭାବ ଅନେକ ବର୍ଷ ଯାଏ ଆମ ସମାଜରେ ପଡି ନଥିଲା। ଆଜିଠାରୁ ପଚାଶବର୍ଷ ତଳେ, ଛିଅଟଇଏ ଯେବେ ବିଭା ହୋଇ ଶାଶୁ ଘରକୁ ଆସଉଥିଲା, ତା ମନରେ ଗଣ୍ଠି ବାନ୍ଧି ଆସୁଥିଲା, ଯେ ସେଘରୁ ତା' କୋକେଇ ହିଁ ବାହାରିବ। ଅର୍ଥାତ ଯେତେ ଦୁଃଖକଷ୍ଟ, ଝଡ଼ଝଞ୍ଜା ଆସିଲେ ମଧ ସେ ଘରର ଚଉକାଠ ହେଇଁବା କଥା ଚିନ୍ତା ସୁଦ୍ଧା କରୁ ନଥିଲା। ସବୁ ସମସ୍ୟା ଆଗରେ ମୁଣ୍ଡ ପାତି ଦେଉଥିଲା। କାରଣ ଛୋଟବେଳୁ ହିଁ ତାକୁ ଶିକ୍ଷା ଦିଆଯାଇଥିଲା ଯେ ନାରୀ ହେଉଛି ସର୍ବଂସହା, ତ୍ୟାଗ ମୂର୍ତ୍ତୀ। ଆଜିଠାରୁ ତିରିଶ ବର୍ଷ ତଳ କଥା ବିଚାର କଲେ ଦେଖିବା, ନବଜାଗରଣର କିଛି କିଛି ପ୍ରଭାବ ପଡିସାରିଥିଲା। (କ୍ରମଶଃ)


+ ଅଧାପକ
ଟିଟିଲାଗଡ ବଲାଙ୍ଗୀର


## ସମ୍ବଲପୁର ମିଶ୍ରଣ : ଓଡ଼ିଆ ଭାଷା ଆନ୍ଦୋଳନର ଏକ ସଫଳ ଅଧ୍ୟାୟ


ଅଂଶୁମାନ ମହାରଣା




(ପୂର୍ବପ୍ରକାଶିତ ଉତ୍ତାରୁ...) ଓଡ଼ିଆ ଭାଷା ଜନନୀର ଅକୁହା ମର୍ମ ବେଦନାକୁ ସଠିକ ଭାବରେ ଉପଲବ୍ଧି କରି ପାରିଥିବା ସ୍ୱଭାବକବି ଗଙ୍ଗାଧର ମେହେର କବିତା ମାଧ୍ୟମରେ ସମସ୍ତ ଓଡ଼ିଆ ସନ୍ତାନ ମାନଙ୍କୁ ଏକତ୍ରିତ କରି ଭାଷା ଜନନୀର ସମ୍ମାନ ରକ୍ଷା ନିମନ୍ତେ ପ୍ରୟାସ କରିଥିଲେ। ସମସ୍ତ ସଚେତନ ଓଡ଼ିଆ ମାନଙ୍କୁ କବି ଗଙ୍ଗାଧର ମେହେର ନିଜ ଭାଷା ବିଲୋପରେ ଯେଉଁ କୁ-ପରିଣାମ ଭୋଗିବାକୁ ପଡ଼ିବ ସେଥିପ୍ରତି ସତର୍କ କରାଇ ଦେଇଥିଲେ। ସମ୍ବଲପୁରରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବରେ ପ୍ରଚଳନ କରାଇବା ଲାଗି ୧୯୦୧ ମସିହା ଅଗଷ୍ଟ ମାସର ଶେଷ ସପ୍ତାହରେ ଏହି ଅଂଚଳର କିଛି ପ୍ରମୁଖ ବ୍ୟକ୍ତିତ୍ୱ ଐତିହାସିକ ଶିମଳା ଯାତ୍ରା କରିଥିଲେ। ଏହି ଶିମଳା ଯାତ୍ରା ସମ୍ପର୍କରେ ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ ସଂଗ୍ରାମୀ ଶ୍ରୀପତି ମିଶ୍ରଙ୍କ ଦ୍ୱାରା ପ୍ରଣୀତ ଶିମଳା ଯାତ୍ରା ପୁସ୍ତକରୁ ସୂଚନା ମିଳେ। ଶ୍ରୀପତି ମିଶ୍ରଙ୍କ ଦ୍ୱାରା ପ୍ରଣୀତ ଶିମଳା ଯାତ୍ରା ପୁସ୍ତକରେ ସମ୍ବଲପୁର ଭାଷା ସୁରକ୍ଷା ଆନ୍ଦୋଳନର ଆଦ୍ୟ ଇତିହାସ ସ୍ଥାନିତ। ଏଥିରେ ଉଲ୍ଲେଖ ଅଛି ଯେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ କରାଇବା ଲାଗି ଯେଉଁ ବୀର ଯୋଦ୍ଧା ମାନେ କାର୍ଯ୍ୟ କରୁଥିଲେ, ସେମାନଙ୍କ ମଧ୍ୟରୁ ଚାରିଜଣ ୧୮୯୮ ମସିହା ଜୁନ ୧୩ ତାରିଖରେ ସମ୍ବଲପୁରର ସୋମେଶ୍ୱର ମହାଦେବ ମନ୍ଦିରରେ ହିନ୍ଦୀ ଭାଷା ପ୍ରଚଳନ ବିରୋଧରେ ଧରଣୀଧର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ପ୍ରତିବାଦ ଜନସଭାରେ ମନୋନୀତ ହୋଇ ନାଗପୁର ଯାଇଥିଲେ, ତତକାଳୀନ ଲାଟ୍‌ଙ୍କ ସହ ଆଲୋଚନା କରିବା ପାଇଁ। କିନ୍ତୁ ସେତିକିରେ ସନ୍ତୁଷ୍ଟ ନହୋଇ ସେମାନେ ବଡ଼ଲାଟ୍ ଲର୍ଡ଼ କର୍ଜନଙ୍କୁ ଭେଟିବାକୁ ଶିମଳା ଗଲେ। ଏହି ଚାରିଜଣ ମହନ୍ତ ବିହାରୀ ଦାସ, ବଳଭଦ୍ର ସୁପକାର, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଙ୍କ ସମେତ ଶ୍ରୀପତି ମିଶ୍ର ମଧ ଐତିହାସିକ ଶିମଳା ଯାତ୍ରାରେ ଅଂଶଗ୍ରହଣ କରିଥିଲେ।
ମହନ୍ତ ବିହାରୀ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ବଡ଼ଲାଟ୍ ଲର୍ଡ଼ କର୍ଜନଙ୍କୁ ସହ ସାକ୍ଷାତ ଓ ସ୍ମାରକ ପତ୍ର ପ୍ରଦାନ କରିବା ନିମନ୍ତେ ଶିମଳା ଅଭିମୁଖେ ଯାତ୍ରା କଲେ। ୧୯୦୧ ମସିହା ଅଗଷ୍ଟ ମାସର ଶେଷ ସପ୍ତାହରେ ସମ୍ବଲପୁରରୁ ଯାତ୍ରାରମ୍ଭ କରି ୧୬ ତାରିଖ ଶ୍ରୀଗଣେଶ ଚତୁର୍ଥୀ ଦିନ ଶିମଳାରେ ପହଂଚିଥିଲେ। ଶ୍ରୀପତି ମିଶ୍ର ତାଙ୍କର ଶିମଳା ଯାତ୍ରା ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ସେସମୟର ଶିମଳା ଯାତ୍ରା ସେମାନଙ୍କ ପକ୍ଷରେ ବହୁ ଶ୍ରମ ସାପେକ୍ଷ ଓ ବ୍ୟୟ ସାପେକ୍ଷ ଥିଲା। କିନ୍ତୁ ସ୍ୱଦେଶ ପ୍ରେମରେ ଉଦବୁଦ୍ଧ ସେମାନେ ଟିକିଏ ହେଲେ ବିଚଳିତ ହୋଇ ନଥିଲେ। ଏହା ପୂର୍ବରୁ ୧୮୯୮ ମସିହା ଜୁଲାଇ ୫ ତାରିଖରେ ଧରଣୀଧର ମିଶ୍ର ୨୩୭୪ ଆବେଦନକାରୀଙ୍କ ଦସ୍ତଖତ ଥାଇ ହିନ୍ଦୀଭାଷା ପ୍ରଚଳନ ବିରୋଧରେ ମଧ୍ୟପ୍ରଦେଶ ଚିଫ୍ କମିଶନରଙ୍କ ଜରିଆରେ ଲର୍ଡ଼ ଏଲଜିନଙ୍କ ନିକଟକୁ ପଠାଇ ଥିଲେ। ଭାଷା ସଂକଟ ସମସ୍ୟାର ଅନୁଧାନ ଲାଗି ଫ୍ରେଜର ସାହେବଙ୍କ ସମ୍ବଲପୁର ଗସ୍ତର ସୂଚନା ପାଇ ମହନ୍ତ ବିହାରୀ ଦାସଙ୍କ ନେତୃତ୍ୱରେ ଶିମଳା ଗସ୍ତ କରିଥିବା ପ୍ରତିନିଧି ଦଳ ୧୮ ତାରିକ ଦିନ ଶିମଳାରୁ ପ୍ରତ୍ୟାବର୍ତନ କରି ୨୪ ତାରିଖ ଦିନ ସମ୍ବଲପୁରରେ ପହଂଚିଥିଲେ। ୧୯୦୧ ର ଜନଗଣନା ରିପୋର୍ଟ ଓଡ଼ିଆ ଭାଷା ଆନ୍ଦୋଳନ ନିମନ୍ତେ ବେଶ୍ ସହାୟକ ହୋଇଥିଲା। ୧୯୦୧ ମସିହା ଜୁନ ୨୭ ତାରିଖ ଦିନ ଫ୍ରେଜର ସାହେବ ସମ୍ବଲପୁରରେ ପହଂଚିବା ପରେ ଭାଷା ସମସ୍ୟାକୁ ଅନୁଧାନ କରି ବିଭିନ୍ନ ସ୍ତରରେ ଆଲୋଚନା ପୂର୍ବକ ଅକ୍ଟୋବର ୫ ତାରିଖରେ ଲର୍ଡ଼ କର୍ଜନଙ୍କୁ ପଠାଇଥିବା ଏକ ପତ୍ରରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ନିମନ୍ତେ ସୁପାରିଶ କଲେ। ସମ୍ବଲପୁର ବାସୀଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ନିଷ୍ପାପର ଉଦ୍ୟମ ସଫଳ ହେଲା। ୧୯୦୨ ମସିହା ଜୁନ ମାସରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଓଡ଼ିଆ ଭାଷାର ପୁନଃ ସଂସ୍ଥାପିତ ହେବା ପରେ ୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଦିନ ସମ୍ବଲପୁରକୁ ଓଡ଼ିଶା ସହିତ ମିଶାଇ ଦିଆଗଲା। ଏହା ଥିଲା ଓଡ଼ିଆ ଭାଷା ଆନ୍ଦୋଳନର ଏକ ସଫଳ ଅଧ୍ୟାୟ। ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନର ସଫଳତା ସ୍ୱଳ୍ପ ଓଡ଼ିଆ ଜାଣିଥିବା ଓଡ଼ିଆ ଭାଷାପ୍ରେମୀ ଫ୍ରେଜର ସାହେବଙ୍କ ଆଗ୍ରହ ଓ ଆନ୍ତରିକତା ଯୋଗୁଁ ସମ୍ଭବ ହୋଇ ପାରିଥିଲା। ନଚେତ ବ୍ରିଟିଶ ଶାସନାଧୀନ କାଳରେ ପ୍ରଶାସନିକ ଭାଷା ବଦଳାଇ ଦେବା ଆଦୌ ସହଜ ନ ଥିଲା। ସେ ୧୯୦୧ରେ ସମ୍ବଲପୁର ଆସି ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ନିମନ୍ତେ ସୁପାରିଶ କରିବା ପରେ ୧୯୦୨ରେ ଫ୍ରେଜର ପ୍ରିଂଟିଂ କମ୍ପାନୀ ଦ୍ୱାରା ଫ୍ରେଜର ପ୍ରେସ୍ ଏବଂ ଫ୍ରେଜର କ୍ଲବ ମଧ ପ୍ରତିଷ୍ଠିତ ହେଲା।
ସମ୍ବଲପୁରରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସଫଳତା ସମଗ୍ର ଓଡ଼ିଶାର ଆଖି ଝଲସାଇ ଦେଇଥିଲା। କଟକ ଓ ବ୍ରହ୍ମପୁର ଅଂଚଳରେ ନବୀନ ଜାଗରଣ ସୃଷ୍ଟି ହୋଇଥିଲା। ଏହି ସଫଳତା ଥିଲା ଉତ୍କଳ ସମ୍ମିଳନୀ ଗଠନର ମୂଳଉତ୍ସ। ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ପରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା ଓ ଏହି ସଂଗଠନ ଓଡ଼ିଆ ଭାଷାର ସୁରକ୍ଷା ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଥିଲା। ସମ୍ବଲପୁରରେ ନିଜସ୍ୱ ନେତୃତ୍ୱରେ ପରିଚାଳିତ ଏହି ଆନ୍ଦୋଳନ ସମ୍ପର୍କରେ ଡ଼କ୍ଟର ହରେକୃଷ୍ଣ ମହତାବ ଲେଖିଛନ୍ତି ସମ୍ବଲପୁରରେ ଓଡ଼ିଆ ଭାଷାର ପ୍ରବର୍ତନ ପାଇଁ ସମ୍ବଲପୁର ନିଜେ ହିଁ ନେତୃତ୍ୱ ନେଇଛି। ସେ ନେତୃତ୍ୱ ଅନ୍ୟ କେଉଁ ଆଡୁ ଆସିନାହିଁ। ଏହା ହିଁ ଓଡ଼ିଆ ଜାତିର ଇତିହାସରେ ସମ୍ବଲପୁରର ଗୌରବମୟ ସ୍ଥାନ। ବାସ୍ତବିକ ଭାବରେ ବ୍ରିଟିଶ ଶାସନାଧୀନ କାଳରେ ସମ୍ବଲପୁର ମିଶ୍ରଣ ହେଉଛି ଓଡ଼ିଆ ଭାଷା ଆନ୍ଦୋଳନରେ ଏକ ସଫଳ ତଥା ସ୍ୱର୍ଣ୍ଣିମ ଅଧ୍ୟାୟ। (ସମାପ୍ତ)

ବନ୍ଦେ ଉତ୍କଳ ଜନନୀ


+
anshumanmaharanamedia@gmail.com
ଯୋଗାଯୋଗ - ୮୦୯୩୨୯୮୭୨୪


## କବିତା କୋଣାର୍କ

### Corona ହାରିବ...



ପ୍ରଦୀପ୍ତ ଆଚାର୍ଯ୍ୟ

ଓହାନୁ Chaina,
ଛାଡିଲା Corona,
Virus ମହାମାରୀ,
Pandemic ରୂପେ,
ମାଡି ଚାଲୁଅଛି,
ବିଶ୍ୱ କବଳିତ କରି।
ଛିଙ୍କ କାଶ ଜ୍ୱର,
symptoms ଆସିଲେ,
Quarantine ରେ ରୁହ,
Positive ଯଦି ବାହାରି ପଡିଲା,
Covid center ଯାଅ।
Sanitizer,
ସାଥେ Handwash,
ତା ସାଙ୍ଗରେ Mask ଥିବ,
ଏ ତିନି ଜିନିଷ ସଦା ସରବଦା,
ବ୍ୟବହାର କରୁଥିବ।
ରୋଗୀ ଯଦି କାହୁଁ,
ହୋଇଲା detect,
Hot-spot ସେଠି ହେବ,
Lockdown
Shutdown ରେ,
ଦିନ ଦିନ ବିତିଯିବ।
ରୋଗୀ ଯଦି କାହା,
ସାଙ୍ଗେ ମିଶିଥିବ,
Contact tracing ହେବ,
ନହେଲେ ରୋଗୀଟି,
Super spreader,
ଆପେ ଆପେ ବନିଯିବ।
ସରପଂଚ ସବୁ,
ହୋଇ Collecter,
T.M.C ଚଳାଉଛନ୍ତି,
ପ୍ରବାସୀ ଯେତେକ,ବାହାରରୁ ଆସି,
ତା ଭିତରେ ପଶିଛନ୍ତି।
Social distance,
ସବୁଠାରୁ ବଡ,
Preventive ଏଥିପାଇଁ,
Senior ଆଉ,Minor ଯମା,
ଘରୁ ବାହାରିବେ ନାହିଁ,
Corona fighter,
ଲାଗି ପଡିଛନ୍ତି,
ପୋଲିସ ଆଉ ଡାକ୍ତର,
ସେବା କରି କରି, ନିଜେବି କେତେକ,
ରୋଗର ହେଲେ ଶିକାର।
ବିଶ୍ୱବାସୀ ଆଜି, ଭୀତତ୍ରସ୍ତ ସର୍ବେ,
ଆନନ୍ଦ ନାହିଁ କା ମନେ,
ଆଶା ବାନ୍ଧିଛନ୍ତି, ବିଶ୍ୱ ତ ଜିତିବ,
Corona ହାରିବ ଦିନେ।
ଗର୍ବ ଦମ୍ଭ ଆଉ, ଅହଂକାର ସବୁ,
ଚୂର୍ଣ୍ଣ ହୋଇ ଯାଇଅଛି,
ନିରୁପାୟ ହୋଇ,ବିଶ୍ୱବାସୀ ଆଜି.
ଈଶ୍ୱରଙ୍କୁ ଧ୍ୟାଉଅଛି।


+ ଅବସାରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


### ଲାଗିଛି ପାର୍ବଣ ମେଳା...

ଅମରନାଥ ବାରିକ୍

ଲାଗିଛି ମେଳା ପାର୍ବଣ ପାଇଁ
କଟକ ନଗରୀରେ
ଗଳି କନ୍ଦିରେ ଭିଡ଼ ଜମୁଛି
ଦୋକାନ ବଜାରରେ ।
ଜନ ଗହଳି ଉଚ୍ଛୁଳି ଉଠେ
ଦେଖିବା ପାଇଁ ମେଢ଼
ସଜା ହୋଇଛି ଚାନ୍ଦୁଆ ଲାଗି
ଲାଇଟ୍ ଲିଚୁ କଢ଼ ।
ଛକ ଛକରେ ଲାଗିଛି ପୁଣି
ବାରୁଆଳିଙ୍କ ମୂର୍ତ୍ତି
କଣ୍ଢେଇ ନାଚ ବାଉଁଶ ରାଣୀ
ଲାଗୁଛି ମଜା ଅତି ।
ପିଲା ଖେଳନ୍ତି ଆକାଶ ଦୋଳି
ଖୁସି ମନରେ ହସି
କେଉଁଠି ପୁଣି ବୁଲନ୍ତି ପିଲେ
ହାତୀ ପିଠିରେ ବସି ।
ନାଲି ନେଳିଆ ବେଲୁନ୍ ଧରି
ବୁଲୁଛି ଫେରିବାଲା
ପେଁକାଳୀର ଶବଦ କରି
ଦେଖାଏ ଠେଲା ବାଲା ।
ଡିଜେ ବଜେଇ ଲଟେରୀ ଖେଳ
ଚାଲିଛି ପଡ଼ିଆରେ
ଯାତରା ପାଇଁ ଧାଡ଼ି ଲାଗଇ
ଟିକଟ ବିକ୍ରି ଘରେ ।
ଚିନା ବାଦାମ ମଟର ସୋଲା
ପାମ୍ପଡ଼ ନଳଭଜା
ବିକୁଛି ବସି ମଣ୍ଡପ ପାଖେ
ବୁଢ଼ା ଗଉରା ଅଜା ।
ପାଣିପୁରି ଓ ବାରମଜାର
ଆସର ଲାଗିଅଛି ।
ଦହି ବରାକୁ କାକୁଡ଼ି ସେଉ
ଆଳୁକଷା ରହିଛି ।
ଆନନ୍ଦ ଲାଗେ ଦଶହରାଟି
କେତେ ମଉଜ ଦିଏ
ମହାମାୟାଙ୍କ ଆଶିଷ ପାଇଁ
ଆଉ ବରଷେ ଚାହେଁ ।


+ କୟାଁ, ମଙ୍ଗଳପୁର, ଯାଜପୁର
ଦୂରଭାଷ: ୯୫୪୦୩୦୮୦୯୫

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ


**ଅକ୍ଷୟ କୁମାର ରାଉତ**


ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍ୱାର୍ଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ତାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍ଙ୍କୁ କଲାମ ଲାଞ୍ଚ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।



୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ 'ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ। ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଊର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପରିଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରାୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।


**ପାରାଦ୍ୱୀପଗଡ, କୁଜଙ୍ଗ**
**ଜଗତ୍‌ସିଂହପୁର**
**ମୋ-୯୯୩୭୬୯୧୪୭୫**


## ମସରୁମ୍ ଦୋ ପିଆଜା

ମସରୁମ୍ ଦୋ ପିଆଜାକୁ ବଟନ୍ ଛତୁରେ ଦୁଇଗୁଣା ପିଆଜ ସହିତ ଅଧା ଶୁଖିଲା ଗ୍ରେଭି ଆକାରରେ ପ୍ରସ୍ତୁତ କରାଯାଇଥାଏ ।



**ସାମଗ୍ରୀ ପରିମାଣ:**
ଛତୁ ୨୦୦ ଗ୍ରାମ୍
ଟମାଟୋ ୧୫୦ଗ୍ରାମ୍
ତେଲ ୫୦ ମିଲି
ତେଜ ପତ୍ର ୧ଟି
କଞ୍ଚାଲଙ୍କା ୨ଟି
ଅଦା-ରସୁଣ ପେଷ୍ଟ ୧/୨ ଚାମଚ
ହଳଦୀ ଗୁଣ୍ଡ ୧/୨ ଚାମଚ
ଲଙ୍କା ଗୁଣ୍ଡ ୧/୨ ଚାମଚ
ଧନିଆ ପାଉଡର ୧/୨ ଚାମଚ
ଗରମ ମସଲା ପାଉଡର ୧/୨ ଚାମଚ
ମସରୁମ ମସଲା ପାଉଡର ୧/୨ ଚାମଚ
ଧନିଆଁ ପତ୍ର ୩ ଟେବୁଲ୍ ଚାମଚ
ଲୁଣ ଆବଶ୍ୟକତା ଅନୁସାରେ
କ୍ୟାପ୍‌ସିକମ୍ ୫୦ ଗ୍ରାମ୍

**ପ୍ରସ୍ତୁତି ପ୍ରଣାଳୀ:**
ପିଆଜରୁ ଚୋପା ଛଡ଼ାଇ କାଟି ଦିଅନ୍ତୁ ଓ ଅବଶିଷ୍ଟ ପିଆଜକୁ ବର୍ଗାକାର ଆକୃତିରେ କାଟନ୍ତୁ । ଆଉ ମଧ୍ୟ ୨ଟି ମଧ୍ୟମରୁ ବଡ଼ ଟମାଟୋ (୧୫୦ ଗ୍ରାମ୍) ଓ ୨୦୦ ଗ୍ରାମ୍ ବଟନ ଛତୁକୁ ସରୁ ସରୁ କରି କାଟନ୍ତୁ । ଏହାପରେ କଡ଼େଇ ବା ପ୍ୟାନ୍‌ରେ ତେଲକୁ ଗରମ କରନ୍ତୁ । ବର୍ଗାକାରରେ କଟାଯାଇଥିବା ପିଆଜକୁ, ମଧ୍ୟମ ଆଞ୍ଚରେ ପକାନ୍ତୁ, ପିଆଜ ଓ କ୍ୟାପ୍‌ସିକମ୍‌କୁ ଭାଜନ୍ତୁ । ପିଆଜକୁ ଅଳ୍ପ ତେଲରେ ଭଲ ଭାବରେ ଭାଜନ୍ତୁ ଓ ଗୋଳାନ୍ତୁ । ପିଆଜ ନାଲି ପଡ଼ିବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ସ୍ଲାଇଡର ସହାୟତାରେ ପିଆଜକୁ ବାହାର କରିଦିଅନ୍ତୁ ଓ ଏହାକୁ ଗୋଟିଏ ପାର୍ଶ୍ୱରେ ରଖନ୍ତୁ । ଆଞ୍ଚକୁ କମ୍ କରନ୍ତୁ ଓ ସେହି ପ୍ୟାନରେ କିଛି ପରିମାଣରେ ତେଜ ପତ୍ର ପକାନ୍ତୁ । ୧/୨ କପ୍ ସରୁ ସରୁ କଟାଯାଇଥିବା ପିଆଜକୁ ପକାନ୍ତୁ ଓ ଏହାକୁ ହାଲୁକା ନାଲି ପଡ଼ିବା ପର୍ଯ୍ୟନ୍ତ ଭାଜନ୍ତୁ । ଏହାପରେ ୧/୨ ଚା ଚାମଚ ଅଦା-ରସୁଣଣ ପେଷ୍ଟକୁ ପକାନ୍ତୁ । ଏହାକୁ ଭଲଭାବରେ ଗୋଳାନ୍ତୁ ଓ କଞ୍ଚା ଗନ୍ଧ ଯିବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ଏହାପରେ ସରୁ ସରୁ କଟାଯାଇଥିବା ଟମାଟୋକୁ ପକାନ୍ତୁ । ଏହାକୁ ଭଲ ଭାବରେ ମିଶାନ୍ତୁ ଓ କିଛି ମିନିଟ୍ ପାଇଁ ଭାଜନ୍ତୁ ।

ଏଥିରେ ୧/୨ ଚା ଚାଚମ ହଳଦୀ ଗୁଣ୍ଡ, ୧/୨ ଚା ଚାମଚ ଲଙ୍କା ଗୁଣ୍ଡ, ୧/୨ ଚା ଚାମଚ ଧନିଆଁ ପାଉଡର ଓ ୧/୨ ଚା ଚାମଚ ଜୀରା ପାଉଡର ପକାନ୍ତୁ । ଏହାକୁ ଭଲ ଭାବରେ ମିଶାନ୍ତୁ । ଟମାଟୋ କୋମଳ ଓ ନରମ ହେବା ପର୍ଯ୍ୟନ୍ତ ମସଲାକୁ ଭାଜନ୍ତୁ । କଟା ଯାଇଥିବା ଛତୁକୁ ପକାନ୍ତୁ ଏବଂ ସ୍ୱାଦ ଅନୁସାରେ ଲୁଣ ଦିଅନ୍ତୁ । ଏହାକୁ ଭଲ ଭାବରେ ମିଶାନ୍ତୁ । ଛତୁକୁ କମ୍‌ରୁ ମଧ୍ୟମ ଆଞ୍ଚରେ ଭାଜନ୍ତୁ । ଛତୁ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ଏହା ପରେ ଭଜା ହୋଇଥିବା ପିଆଜ ଓ କ୍ୟାପ୍‌ସିକମ୍‌କୁ ପକାନ୍ତୁ । ଏହାକୁ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହାପରେ ୧/୨ ଚା ଚାମଚ ଗରମ ମସଲା ପାଉଡର ୧/୨ ଚା ଚାମଚ ମସରୁମ୍ ମସଲା ପାଉଡର ୩ ଟେବୁଲ ଚାମଚ କଟା ଧନିଆଁ ପତ୍ର ଓ ୧ ବା ୨ଟି କଞ୍ଚା ଲଙ୍କାକୁ (ଚିରା ବା କଟା) ମିଶାନ୍ତୁ । ଭଲ ଭାବରେ ମିଶାନ୍ତୁ ଓ ଚୁଲିକୁ ବନ୍ଦ କରିଦିଅନ୍ତୁ । ଏହାକୁ ରୁଟି ବା ପରଟା ବା ଭାତ କିମ୍ବା ପଲଉ ସହିତ ପରିବେଷଣ କରନ୍ତୁ । କିଛି କଟା ଧନିଆଁ ପତ୍ର ସହିତ ଏହାକୁ ସଜାଇ ଦିଅନ୍ତୁ ।

## ମଡ୍ୟୁଲାର କିଚେନ୍ ମୋହରେ ମହିଳା



ଗାଁ ଗହଳିରେ ଆଜି ମଧ ମା' ମାଉସୀମାନେ ରୋଷେଇ ଘରକୁ ହାଣ୍ଡିଶାଳ ବୋଲି କହିଥାନ୍ତି । ଏଇ 'ହାଣ୍ଡିଶାଳ' ଶବ୍ଦଟି ପ୍ରକୃତରେ ଖୁବ୍ ଆପଣାର ଲାଗିଥାଏ । ହେଲେ ନଗରୀ, ମହାନଗରୀ ସଭ୍ୟତାରେ ମଡ୍ୟୁଲାର କିଚେନ୍ ଆଧୁନିକତାର ସ୍ପର୍ଶ ଦେଉଛି । ମଡ୍ୟୁଲାର କିଚେନ୍ ଆଖିକୁ ଚକ୍‌ଚକ୍ ଓ ସୁନ୍ଦର ଦେଖାଯାଇଥାଏ, ହେଲେ ଗାଁ ହାଣ୍ଡିଶାଳର ବାସ୍ନା ଏଠାରେ ମିଳିଥାଏ । ନିକଟରେ ଗାଁ ରୋଷେଇ ଘର ଓ ସହରର ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍‌କୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା । ଆଜିକାଲି ୩୪%ରୁ ଅଧିକ ମହିଳା ମଡ୍ୟୁଲାର କିଚେନ୍‌କୁ ପସନ୍ଦ କରୁଛନ୍ତି । କାରଣ ଏହା ଜରିଆରେ ରୋଷେଇ ଘର ସାମଗ୍ରୀ, ଜିନିଷ, ବାସନକୁସନ ସବୁକିଛି ବ୍ୟବସ୍ଥିତ ରହିପାରୁଛି । ହେଲେ ସାଧାରଣ ରୋଷେଇଘରେ ଏସବୁ ବ୍ୟବସ୍ଥା ନଥିବାରୁ ମହିଳାମାନେ ରୋଷେଇରେ ଆଗ୍ରହ ପ୍ରକାଶ କରୁନାହାନ୍ତି ।

♦ ବିଶେଷଜ୍ଞଙ୍କ ମତରେ ଆଗ କାଳରେ ଗୃହିଣୀମାନେ ହେମଦସ୍ତାରେ ମସଲା କୁଟିବା ସହ ଶିଳରେ ବାଟୁଥିଲେ । ସେସବୁ ମସଲା ତରକାରୀ ସୁଆଦିଆ ହେବା ସହ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିଲା । ଆଜିର ନୂଆ ଡିଜାଇନ୍ କିଚେନ୍‌ରେ ଗ୍ରାଇଣ୍ଡର ବଟା ମସଲାରେ ସେଭଳି ସ୍ୱାଦ କିମ୍ବା ବାସ୍ନା ନାହିଁ ।

♦ ଗାଁ ଗହଳିରେ ଆଜି ମଧ ମାଟି ହାଣ୍ଡି, ପାତ୍ରରେ ରୋଷେଇ କରାଯାଉଛି । ହେଲେ ସହରୀ ମଡ୍ୟୁଲାର କିଚେନ୍‌ରେ ଆଲୁମିନିୟମ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ନନ୍-ଷ୍ଟିକ୍ ବାସନରେ ପ୍ରୟୋଗ ହେଉଛି । ଯାହାର ଅଧିକ ଅଧିକ ବ୍ୟବହାର କାରଣରୁ ସ୍ୱାସ୍ଥ୍ୟ ଗତ ସମସ୍ୟା ସମୟକ୍ରମେ ଉପୁଜିଥାଏ ।

♦ ମଡ୍ୟୁଲାର କିଚେନ୍‌ରେ ମଧ ମାଟି ପାତ୍ରରେ ରାନ୍ଧିପାରିବେ । ଷ୍ଟିଲ୍ ପରିବର୍ତ୍ତେ ସେରାମିକ୍ ଥାଳିରେ ଖାଦ୍ୟ ଖାଇବା ଭଲ । କିଛି ବର୍ଷ ତଳେ ଲୋକେ ପର୍ବପର୍ବାଣି, ବିବାହ, ବ୍ରତରେ କଦଳୀ ପତ୍ରରେ ପରଷି ଖାଉଥିଲେ । ଆଜିକାଲି କିନ୍ତୁ କାଗଜ ପ୍ଲେଟ୍‌ର ଚାହିଦା ବଢ଼ିବାରେ ଲାଗିଛି ।

♦ ବିଶେଷଜ୍ଞଙ୍କ ମତରେ ଏହି କିଚେନ୍ ପରିଷ୍କାର ରହିଥାଏ । ଜିନିଷ ବ୍ୟବସ୍ଥିତ ରହିବା କାରଣରୁ କାମ କରିବାକୁ ଭଲ ମଧ ଲାଗେ । ହେଲେ ଆମ ପୁରାତନ ପରମ୍ପରାକୁ ନ ଭୁଲି ଆମେ ମସଲାକୁ ସେହିଭଳି ଗୁଣ୍ଡ କରି ଏୟାର୍-ଟାଇଟ୍ ଡବାରେ ରଖିପାରିବା ।



## ବୃକ୍କକ ସୁସ୍ଥ ରଖେ ବାର୍ଲି

ବାର୍ଲି ଏକ ଉପକାରୀ ଖାଦ୍ୟ ଶସ୍ୟ । ବୃକ୍କର ସ୍ୱାସ୍ଥ୍ୟ ପାଇଁ ନିୟମିତ ବାର୍ଲି ପାଣି ପିଇବା ଭଲ । ଏହା ସହଜରେ ଘରେ ପ୍ରସ୍ତୁତ କରାଯାଇପାରେ । ଏକ କିଲୋଗ୍ରାମ୍ ବାର୍ଲି ନରମ ହେବା ପର୍ଯ୍ୟନ୍ତ ଚୁଲିରେ ବସାଇ ଫୁଟାନ୍ତୁ । ଥଣ୍ଡା ହେବା ପରେ ଭଲ ଭାବେ ମନ୍ଥି, ଖଦଡ଼ା ଅଂଶ ଛାଣି ବାହାର କରିଦିଅନ୍ତୁ । ଏହି ବାର୍ଲି ପାଣିକୁ ଲେମ୍ବୁ ବା କମଳା ରସ ଏବଂ ସାମାନ୍ୟ ଚିନି ସହ ମିଶାଇ ପିଅନ୍ତୁ । ନିୟମିତ ପିଇଲେ ବୃକ୍କ ସୁସ୍ଥ ରହିବ । ସମସ୍ତ ପ୍ରକାରର ଆଣ୍ଠୁ-ଗଣ୍ଠି ବ୍ୟଥା ଦୂରହେବ । ବାର୍ଲିରେର ଅଧିକ କ୍ୟାଲୋରି ନାହିଁ । ଏହା କୋଲେଷ୍ଟରୋଲ୍ ବଢ଼ାଏ ନାହିଁ । ଅଧିକ ତନ୍ତୁ ଥିବାରୁ ଶରୀରର ପାକ-ବ୍ୟବସ୍ଥାକୁ ମଧ୍ୟ ରୋଗମୁକ୍ତ ରଖେ ।

## ମୁଢ଼ିଘାଣ୍ଟ

ଆମିଷ ଭୋଜିରେ ଏହା ଏକ ପ୍ରମୁଖ ଖାଦ୍ୟ । ଏହାକୁ ଘରେ ମଧ ପ୍ରସ୍ତୁତ କରି ଖାଇପାରିବେ ।

**ଆବଶ୍ୟକ ସାମଗ୍ରୀ:** ରୋହିମାଛ ମୁଣ୍ଡ ଗୋଟିଏ, ଛୋଟ ଚିଙ୍ଗୁଡ଼ି-୨୫୦ ଗ୍ରାମ, ଦେଶୀ ଆଳୁ-୨୫୦ ଗ୍ରାମ, ସାରୁ-୩୦୦, କଖାରୁ-୨୫୦, ଅଳ୍ପ ବିନ୍, ଗୋଟି, ବଡ଼ ଟମାଟୋ, ଛୋଟ ଅଦା ଖଣ୍ଡେ, ବଡ଼ ରସୁଣ ଗୋଟିଏ, ୩୦୦ ଗ୍ରାମ ପିଆଜ, ୧ ଚାମଚ ଲେଖାଏଁ ହଳଦି ଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ଡାଲଚିନି ଗୁଣ୍ଡ, ମେଥିଗୁଣ୍ଡ ଏବଂ କସୁରୀ ମେଥି, ହରଡ ଡାଲି-୨୦୦ ଗ୍ରାମ, ମସୁର ଡାଲି- ୫୦ଗ୍ରାମ, ସୋରିଷ ତେଲ-୧୦୦ଗ୍ରାମ, ତେଜପତ୍ର ଗୋଟିଏ, ଗୁଜରାତି ଗୋଟିଏ, ଖଣ୍ଡେ



ଡାଲଚିନି, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି:** ପ୍ରଥମେ ରୋହି ମାଛ ମୁଣ୍ଡ ଓ ଚିଙ୍ଗୁଡ଼ିକୁ ଧୋଇ ଲୁଣ, ହଳଦି ଗୋଳାଇ ଭାଜି ରଖନ୍ତୁ । ପରିବାଗୁଡ଼ିକୁ କାଟିଦେବେ । ଚୁଲିରେ ଏକ କଡ଼େଇ ବସାଇ ତେଲ ଗରମ କରିବା ପରେ ଜିରା ଫୁଟାନ୍ତୁ । ସେଥିରେ ତେଜପତ୍ର, ଡାଲଚିନି, ଗୁଜରାତି ପକାଇ ଭାଜିବା ପରେ ଅଦା, ରସୁଣ ଓ ପିଆଜ ଛେଚା (ବଟା ହେବନି) ପକାଇବେ । ଏବେ ଧନିଆଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦି ଗୁଣ୍ଡ ପକାଇବା ପରେ ଟମାଟୋ ପକାଇ କଷନ୍ତୁ । ତେଲ ଛାଡ଼ିଆସିଲେ ସବୁ ପରିବା କଟା ପକାଇ କଷିବେ ଏବଂ ଭଜା ମାଛ ପକାଇ ଆଉ ଟିକେ ଭଲକରି କଷିଦେବେ । କଷା ହୋଇଗଲେ ଗରମ ପାଣି ଦେଇ ଫୁଟିବାକୁ ଛାଡ଼ିଦିଅନ୍ତୁ । ପାଣି ଫୁଟି ଆସିଲେ ସେଥିରେ ଡାଲି ପକାଇ ଘୋଡ଼ାଇଦେବେ । ମଝିରେ ମଝିରେ ଦେଖିବାକୁ ହେବ । ଡାଲି ଓ ପରିବା ସିଝିଗଲେ ଡାଲଚିନିଗୁଣ୍ଡ, ମେଥିଗୁଣ୍ଡ, କସୁରୀ ମେଥି ପକାଇ ଓହ୍ଲା ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୁଢ଼ିଘାଣ୍ଟ । ଏହାକୁ ଭାତ କିମ୍ବା ରୁଟି ସହ ଗରମଗରମ ପରଷି ଦିଅନ୍ତୁ ।

## ସଂଗ୍ରହାଳୟ

ବଲିଭିଆରେ ଖୁବ୍ ଶୀଘ୍ର ଏକ ସଂଗ୍ରହାଳୟ ତିଆରି ହେବାକୁ ଯାଉଛି । ନୂଆ କଥା ହେଉଛି ଏ ସଂଗ୍ରହାଳୟ ପାଣି ତଳେ ନିର୍ମାଣ କରାଯିବ । ଏହାକୁ ବଲିଭିଆର ପବିତ୍ର ନଦୀ ଟିଟିକାକା ଭିତରେ ତିଆରି କରାଯିବ । ଉକ୍ତ ସଂଗ୍ରହାଳୟ ପର୍ଯ୍ୟଟନସ୍ଥଳୀ ହେବା ସହ ପ୍ରତ୍ନତତ୍ତ୍ୱ, ଭୂତତ୍ତ୍ୱ, ଜୈବ ଗବେଷଣା କେନ୍ଦ୍ର ଭାବେ ଗଢ଼ା ହେବ । ଏପରି ସଂଗ୍ରହାଳୟ ବିଶ୍ୱରେ ପ୍ରଥମ ବୋଲି ବଲିଭିଆର ସଂସ୍କୃତି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହାକୁ ନିର୍ମାଣ କରିବା



ପାଇଁ ପାଖାପାଖି ୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ଟିଟିକାକାକୁ ବଲିଭିଆର ଲୋକମାନେ ପବିତ୍ର ବୋଲି ମାନନ୍ତି । ସେଠାକାର କିମ୍ବଦନ୍ତୀ ଅନୁସାରେ ସୂର୍ଯ୍ୟଙ୍କ ପୁତ୍ର ମାନ୍‌କୋ କାପାକ୍ ଓ ତାଙ୍କ ପତ୍ନୀ ଏ ନଦୀରୁ ବାହାରିଥିଲେ । ଟିଟିକାକା ୮,୫୦୦ ବର୍ଗ କିଲୋମିଟର ଯାଏଁ ବିସ୍ତାରିତ ଯାହା ବଲିଭିଆ ଓ ପେରୁର ଦୁଇ ସୀମାକୁ ଲାଗି ବହିଯାଉଛି । ସମୁଦ୍ର ଠାରୁ ୧୨,୫୦୦ ଫୁଟ୍ ଉଚ୍ଚତାରେ ଥିବାରୁ ଏହା ହେଉଛି ବିଶ୍ୱର ସବୁଠାରୁ ଉଚ୍ଚ ମଧୁର ଜଳ ନଦୀ ।

# ନୂଆପଡାରେ ନବଦୁର୍ଗା ପୂଜା ଆରମ୍ଭ

ନୂଆପଡା,୧୮।୧୦ (ନି.ପ୍ର): ନୂଆପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶନିବାର ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଖଡିଆଳ ସ୍ଥିତ ସାର୍ବଜନୀନ ଦୁର୍ଗାପୂଜା କମିଟି ପଟ୍ଟନାୟକପଡା ଏବଂ ସାର୍ବଜାନୀନ ଦୁର୍ଗାପୂଜା କମିଟି ରଜାପଡା ପକ୍ଷରୁ ଜଗତ୍ ଜନନୀ ମାଁ ଦୁର୍ଗାଙ୍କ ନବରାତ୍ର ଅନୁଷ୍ଠିତ ହେଉଛି। ଏହି ଅବସରରେ ମାଁଙ୍କ ମୂର୍ତ୍ତିକୁ ପୂଜାମଣ୍ଡପରେ ସ୍ଥାପନା କରାଯାଇଥିଲା। ୯ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାରେ ମାଁ ବିଭିନ୍ନ ବେଶ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘା, କୁସ୍ମାଣ୍ଡ, ସ୍କନ୍ଦମାତା, କାତ୍ୟାୟୀନୀ, କାଳରାତ୍ରୀ, ମହାଗୌରୀ ଓ ଶେଷରେ ସିଦ୍ଧିଦାତ୍ରୀ ବେଶରେ ଆବିର୍ଭାବ ହୋଇ ଭକ୍ତ ମାନଙ୍କୁ ଆଶିର୍ବାଦ ପ୍ରଦାନ କରିବେ। ଆଜି ମାଁଙ୍କ ଶୈଳୀପୁତ୍ରୀ ପୂଜା କରାଯାଇ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଛି। ଅନ୍ୟପକ୍ଷରେ କୋଭିଡ କଟକଣା ଯୋଗୁଁ ମାଁଙ୍କ ପୂଜା ଫିକା ପଡିଛି । କେବଳ ପୂଝାରୀ ମାଁଙ୍କୁ ପୂଜାର୍ଚ୍ଚନା କରିବାର ନିୟମ ରହିଥିବା ବେଳେ ମନ୍ଦିର ପରିସରକୁ ଭକ୍ତଙ୍କ ଦର୍ଶନକୁ ବାରଣ କରାଯାଇଛି । ଯାହାଫଳରେ ମନ୍ଦିର ପରିସର ତଥା ଆଖପାଖ ଖାଁ ଖାଁ ଲାଗୁଥିବା ଦେଖିବାକୁ ମିଳିଛି । ପୂଜା କମିଟି ତରଫରୁ ସରକାରଙ୍କ କୋଭିଡ ଆଇନକୁ ପାଳନ କରି ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି । ଏପରିକି ସାଜସଜ୍ଜା, ସୁଉଚ୍ଚ ତୋରଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉନଥିବାରୁ ଭକ୍ତ ମହଲର ନିରାଶାଭାବ ଦେଖିବାକୁ ମିଳିଛି । ଲୋକେ ତାଙ୍କ ଘରେ ଘରେ ମାଁଙ୍କୁ ପୂଜାର୍ଚ୍ଚନା କରି ନିଜ ତଥା ପରିବାରର ମନସ୍କାମନା ପୂର୍ଣ୍ଣ କରିବାକୁ ମାଁଙ୍କୁ ବିନତି କରୁଛନ୍ତି । ସତରେ ଚଳିତ ବର୍ଷ ମହାମାରୀ କରୋନା ମାଁଙ୍କ ପୂଜାକୁ ଫିକା କରି ପକାଇଲା ।

# ଜୟପୁରର ଦୁର୍ଗାପୂଜା : କୋଭିଡ୍ ନିୟମ ଅନୁଯାୟୀ ପୂଜା ପାଇବେ ରଜାନଗର ସ୍ଥିତ ଦୁର୍ଗା

ଜୟପୁର,୧୮।୧୦ (ନି.ପ୍ର): କୋରାପୁଟ ଜିଲା ଜୟପୁର ରାଜାନଗର ନିକଟରେ ହେଉଥିବା ଦୁର୍ଗା ପୂଜା ହେଉଛି ଅନ୍ୟତମ । ରଜରାକୁଡା ଅମଳରୁ ରଜାନଗର ମଧ୍ୟରେ ଥିବା କନକ ଦୁର୍ଗା ମନ୍ଦିରରେ ରାଜାଙ୍କ ପରିବାର ବର୍ଗଙ୍କ ଦ୍ୱାରା ଦଶହରା ପାଳନ କରାଯାଉଥିଲା । ଚଳିତ ବର୍ଷ କୋଭିଡ୍ -୧୯ ନିୟମ ଅନୁଯାୟୀ ଦୁର୍ଗାପୂଜା ପାଳିତ ହେଇଛି । ପ୍ରଶାସନର ନିଷ୍ପତି ଅନୁଯାୟୀ , ୪ ଫୁଟର ମୃଣ୍ମୟୀ ମୂର୍ତ୍ତି କରାଯାଇ ପୂଜା କରାଯାଇଛି । ମଣ୍ଡପର ତିନି ପାର୍ଶ୍ୱକୁ ବନ୍ଦ କରାଯାଇ ପୂଜା କରାଯାଉଛି । ୭ ଜଣ ସେବାୟତ ମଧ୍ୟରେ ହିଁ ସୀମିତି ରହିଛି । ଭକ୍ତଙ୍କୁ ଦର୍ଶନ ମନା ହୋଇଛି । ୧୯୫୦ ମସିହାରେ ଜୟପୁର ସହରର ପ୍ରଥମ ମୂର୍ତ୍ତି ପୂଜା ଜନସାଧାରଣଙ୍କ ଦ୍ୱାରା ସ୍ଥାନୀୟ ନରସିଂହ ଗୌଡଙ୍କ ଦୋକାନରେ କରାଯାଉଥିଲା ବୋଲି କୁହାଯାଏ । ବର୍ତମାନ ସ୍ଥାୟୀ ମଣ୍ଡପ ରଜା ନଗର ଠାରେ କରାଯାଇ ଏଠାରେ ଦୁର୍ଗାଙ୍କ ମୂର୍ତି ପୂଜା କରାଯାଉଛି । ପ୍ରତିପଦା ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ଏଠାରେ ହୋମ ଯଜ୍ଞ ପୂଜା ଚ୍ଚଲେ । ରଜାନଗର ସମ୍ମୁଖରେ ଦୀର୍ଘଦିନ ଧରି ପାଳିତ ହୋଇ ଆସୁଥିବା ସାର୍ବଜନୀନ ଦୁର୍ଗା ପୂଜା କମିଟିର ଏକ ମୁଖ୍ୟ ବିଶେଷତ୍ୱ ହେଉଛି ଏହା ଏକ ସର୍ବ ପୁରାତନ ଦୁର୍ଗାପୂଜା । ଲୋକଙ୍କ ମତରେ ରଜାନଗର ଦୁର୍ଗାପୂଜା ମାନେ ହିଁ ଜୟପୁର ଦଶହରାକୁ ବୁଝାଏ । ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ଆଶ୍ୱିନ ମାସ ପ୍ରତିପଦା ତିଥିଠାରୁ ଆରମ୍ଭ କରି ବିଜୟା ଦଶମୀ ପର୍ଯ୍ୟନ୍ତ ମା ଦୁର୍ଗା ଙ୍କ ଦଶହରା ପର୍ବଟି ମହା ଆଡମ୍ବର ସହକାରେ ପାଳିତ ହୋଇ ଆସୁ ଅଛି । ଅବିଭକ୍ତ କୋରାପୁଟ ଜିଲାର କୋଣ ଅନୁକୋଣରୁ ବିଭିନ୍ନ ଦେବି ପିଠ ମାନଙ୍କରୁ ଲାଠି ମାନ ଆସି ଜୟପୁର ଠାରେ ପହଂଚି ଦଶହରା ଦିନ ମା ଭଗବତୀ, ମା ଦକ୍ଷିଣ କାଳୀ ସହ ଆସି ରଜାନଗର ଠାରେ ପୂଜା ପାଉଥିବା ଦୁର୍ଗାଙ୍କ ନିକଟରେ ପହ ି ଦୁର୍ଗା ଙ୍କ ସହ ଦଶହରା ପଡିଆ କୁ ଯାଇ ଥାନ୍ତି । କିନ୍ତୁ ଚଳିତ ବର୍ଷ ୪୫ ମିନିଟ୍ ବ୍ୟବଧାନରେ ମେଢ, ବିମାନ ଯିବା ପାଇଁ ସ୍ଥିର ହୋଇଛି । ଲୋକ ମାନଙ୍କ କହିବା ଅନୁଯାଇ ପୂର୍ବରୁ ଅନେକ ବିଶିଷ୍ଟ ବ୍ୟକ୍ତି ରାଜନଗର ଦୁର୍ଗା ପୁଜାର ଦାୟତ୍ୱ ତୁଲାଇ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ସଚିଦାନନ୍ଦ ମହାପାତ୍ର, ତାରିଣି ଦାସ, ସ୍ୱର୍ଗତ ରାଧା ଗୋବିନ୍ଦ ପାଣିଗ୍ରାହୀ, ସ୍ୱର୍ଗତ ମନ୍ମଥ ପାଣିଗ୍ରାହୀ, ସ୍ୱର୍ଗତ ମୋହନ ଲାଲ ବୈଦ୍ୟ, ସ୍ୱର୍ଗତ ରାମ ମୋହନ ସାମନ୍ତରା, ଡମ୍ବୁର ପାତ୍ର, ସ୍ୱର୍ଗତ ପେଣ୍ଠା ଶ୍ରୀ ରାମଲୁ ଏବଂ ତାଙ୍କ ପୁତ୍ର କାମେଶ୍ୱର ରାଓ ପରିଚ୍ଲନାର ଦାୟତ୍ୱ ତୁଲାଇ ଆସୁଥିଲେ । ପରବର୍ତି ସମୟରେ ପେଣ୍ଠା କାମେଶ୍ୱର ରାଓଙ୍କ ଦେହାନ୍ତ ପରେ ଏକ କମିଟି ତିଆର ହୋଇ ୨୦୧୦ ମସିହା ଠାରୁ ପୂଜାର ପରିଚ୍ଲନା ଦାୟୀତ୍ୱ ଭାର ଗ୍ରହଣ କରି ଆଜିକୁ ୧୦ ବର୍ଷ ହେଲା ଭକ୍ତ ମାନଙ୍କ ସାହାଯ୍ୟରେ ଓ ସହଯୋଗରେ ଅଧିକରୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାଷ ଓ ପ୍ରଚେଷ୍ଟା ବିଧିବଦ୍ଧ ଭାବେ ଜାରି ରହିଛି । ସହରରେ ପ୍ରଥମେ ରଜାନଗର ମୂର୍ତି ବସି ପୁଜା ପାଇବା ପରେ ଅନ୍ୟ ଦୁର୍ଗା ମୂର୍ତି ମାନେ ପରେ ବସିଥାନ୍ତି । ସବୁ ଦୁର୍ଗା ମୂର୍ତି ଅପେକ୍ଷା ରଜାନଗର ମୂର୍ତିର ସ୍ୱତନ୍ତ୍ର ଆର୍କଷଣ ସହ ପରିଚୟ ରହିଛି । ଚଳିତ ବର୍ଷ କୋଭିଡ ନିୟମ ଅନୁଯାୟୀ ନୀତିକାନ୍ତି ସମାପନ ହେବ ବୋଲି କମିଟି ସୂଚନା ଦେଇଥିବା ବେଳେ ସେହି ମହା ଆଳତି, ଭୋଗ ପାଇବାରୁ ଭକ୍ତ ବଂଚିତ ହେବେ ବୋଲି ଜଣାଯାଇଛି । ବିନା ଜାକ ଜକମ, ଆକର୍ଷଣିୟ, ଲାଇଟ୍, ମେଢ କିଛି କରାଯାଇ ନଥିବାରୁ ବେଳେ ଭକ୍ତ ମଧ ଦର୍ଶନରୁ ବଂଚିତ ହୋଇଛନ୍ତି ।

# ଆଙ୍କୁଲି ପଚାଂୟତରେ ଭୀଷଣ ବର୍ଷା ପରେ ଥଣ୍ଡା, ଜ୍ୱର ଆତଙ୍କ

ଗଞ୍ଜାମ,୧୮।୧୦ (ନି.ପ୍ର): ଲଗାଣ ବର୍ଷା ପରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ବିଭିନ୍ନ ଦୁର୍ଗମ ଅଂଚଳରେ ବାସକରୁଥିବା ଲୋକମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସାଙ୍ଗକୁ ସ୍ୱଚ୍ଛ ପାନୀୟ ଜଳ ଅଭାବରେ ଆଦିବାସୀ ବହୁଳ ଏଲଗଲ ଗାଁରେ ବହୁ ସଂଖ୍ୟାରେ ଲୋକ ଏବେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ବିନା ଚିକିତ୍ସାରେ ଏମାନେ ଗାଁରେ ପଡି ରହିଛନ୍ତି । ବାଘଲଟି ଜଳଭଣ୍ଡାରର ଜଳ ଘେରରେ ରହୁଥିବା ଆଙ୍କୁଲି ପଚାଂୟତର ଅପହଂଚ ଆଦିବାସୀ ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ବର୍ଷା କମିବା ପରେ ଗାଁରେ ଜ୍ୱର ଆତଙ୍କ ଦେଖାଦେଇଛି । ଯାହାକି ସେଠାକାର ଅଧିବାସୀ ମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ଜ୍ୱରରେ ଗ୍ରାମର ରାଜୁ ବେହେରା (୩୦), ଅଶୋକ କୁମାର କାର୍ଜି (୨୧), ଗୀତା ପ୍ରଧାନ (୧୦), ଜଟେଶ୍ୱର ବେହେରା (୩୦), ଅଭି ବେହେରା (୪୦), ଫୁଲ ପ୍ରଧାନ, ମାକାଇ ପ୍ରଧାନ, ସାବିତ୍ରୀ ନାୟକ, ମଞ୍ଜୁଳା ଗମାଙ୍ଗ, ବିଷ୍ଣୁ ବେହେରା, ଅନସୀ ବେହେରା, ମହେଶ୍ୱର ବେହେରା ପ୍ରମୁଖ ୧୫ ଜଣ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି । ଗତକାଲି ସଂନ୍ଧ୍ୟା ସୁଦ୍ଧା ସେମାନଙ୍କୁ ଚିକିତ୍ସା ସୁବିଧା ଉପଲବ୍ଧ ହୋଇନାହିଁ । ଏନେଇ ମହିଳା ସ୍ୱାସ୍ଥ୍ୟକର୍ମୀ କଲ୍ୟାଣୀ ଶୁଭକାମିନୀ ପାଇକ କହିଛନ୍ତି ଯେ, ଆମ ନିକଟରେ ଏନେଇ କୌଣସି ଖବର ନାହିଁ । ଗୋଟିଏ ଟିମ୍ ହୋଇ ଉକ୍ତ ଗ୍ରାମକୁ ଯାଇ ଆମେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବୁ ।

# ସର୍ବ ଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଭୁବନ ରୁ ସିଦ୍ଧାର୍ଥ ସୌରଭ, ରୁଦ୍ର ନାରାୟଣ ଓ ଶୁଭମ ଶ୍ରୀକୁମାରଙ୍କ ସଫଳତା

ଭୁବନ,୧୮।୧୦ (ନି.ପ୍ର): ସର୍ବ ଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଥର ପାଇଁ ଭୁବନ ରୁ ୩ ଜଣ କୃତୀ ଛାତ୍ର ସଫଳତା ହାସଲ କରି ଭୁବନ ପାଇଁ ଗୌରବ ଅର୍ଜନ କରିଛନ୍ତି । ଭୁବନ ଏନଏସି ଅନ୍ତର୍ଗତ ନୂଆଭୁବନ ଅଂଚଳର ଉମେଶ ଚନ୍ଦ୍ର ମିଶ୍ର ଙ୍କ ସୁପୁତ୍ର ସିଦ୍ଧାର୍ଥ ସୌରଭ ମିଶ୍ର ୬୨୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଦୁଇ ବର୍ଷ ପୂର୍ବେ ଶ୍ରୀମାନ ମିଶ୍ର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସାରା ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଏକ ସାଧାରଣ ପରିବାରରୁ ଆସି ନିଜର ଅସାଧାରଣ ପ୍ରତିଭା ଏବଂ ପରିଶ୍ରମ ବଳରେ ଜଣେ ଡାକ୍ତର ହୋଇ ପାରିବ ତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭୁବନ ବ୍ଲକ ର କର୍ତବ୍ୟନିଷ୍ଠ କର୍ମଚାରୀ ରମେଶ ଚନ୍ଦ୍ର ବିହାରୀ ଙ୍କ ସୁପୁତ୍ର ରୁଦ୍ର ନାରାୟଣ ବିହାରୀ । ଶ୍ରୀମାନ ବିହାରୀ ୬୦୪ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଅନ୍ୟତମ କୃତୀ ଛାତ୍ର ହେଉଛନ୍ତି ଭୁବନ ଏନଏସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡ ଗାଦିସାହି ନିବାସୀ ବିରେନ୍ଦ୍ର କୁମାର ସାଥୁଆ ମହାପାତ୍ର ଙ୍କ ସୁପୁତ୍ର ଶୁଭମ ଶ୍ରୀକୁମାର ସାଥୁଆ ମହାପାତ୍ର । ଶ୍ରୀମାନ ସାଥୁଆ ମହାପାତ୍ର ୬୦୧ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଭୁବନର ବିଭିନ୍ନ ଅନୁଷ୍ଠାନ ତରଫରୁ ଉପରୋକ୍ତ ୩ ଜଣ ମେଧାବୀ ଛାତ୍ରଙ୍କୁ ଅଭିନନ୍ଦନ, ଶୁଭେଚ୍ଛା ଜ୍ଞାପନ କରାଯିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

## ତିର୍ତୋଲ ଉପନିର୍ବାଚନ ପାଇଁ ପି. ରାଜେନ୍ଦ୍ର ଚୋଲନ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ

ଜଗତସିଂହପୁର,୧୮।୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ୧୦୨ - (ସଂ) ତିର୍ତୋଲ ବିଧାନ ସଭା ଉପନିର୍ବାଚନ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପି.ରାଜେନ୍ଦ୍ର ଚୋଲନ ଆଇ ଏ ଏସ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ପାଇବା ପରେ ଶ୍ରୀ ଚୋ ଲନ ଗତକାଲି ଜଗତସିଂହପୁର ଆସି ଜିଲ୍ଲାର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଙ୍କ ଅଫିସରେ ପହଞ୍ଚି ନିର୍ବାଚନ ପରିଚାଳନା ଉପରେ ଆଲୋଚନା କରି ଥିଲେ । ଗତ କାଲି ନାମାଙ୍କନ ପତ୍ର ଦାଖଲ ର ଶେଷ ଦିନ ରେ ସେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ କୁ ପରିଲକ୍ଷିତ କରିଥିଲେ । ଉପନିର୍ବାଚନ ସଂକ୍ରାନ୍ତରେ ଜନ ସାଧାରଣ ତାଙ୍କୁ ୭୭୫୨୦୯୧୧୯୪ ଏହି ମୋବାଇଲ ନମ୍ବର ରେ ଯୋଗାଯୋଗ କରି ପାରିବେ ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଖବର ଦିଆଯାଇଛି । ସାଧାରଣ ପର୍ଯ୍ୟବେକ୍ଷକ ଜଗତସିଂହପୁର ଜିଲ୍ଲା ସର୍କଟ ହାଉସ ରେ ଅବସ୍ଥାନ କରିବେ ।

# ମଶାଘାଟିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି

ବାରିପଦା,୧୮।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକ୍‌ର ଶାଳଚୁଆ ପଂଚାୟତ ଅଧୀନସ୍ଥ ମଶାଘାଟି ଗ୍ରାମରେ ୩୪ ଗୋଟି ଆଦିବାସୀ ପରିବାର ବସବାସ କରନ୍ତି । ହଦଗଡ ବନ୍ଧ ଯୋଜନା ହେବାପରେ ସେମାନେ ବିସ୍ଥାପିତ ହୋଇ ଦୀର୍ଘ ୬୦ ବର୍ଷ ହେଲା ଏହି ମଶାଘାଟି ଜଙ୍ଗଲରେ ବସତି ସ୍ଥାପନ କରି ଏହି ମଶାଘାଟି ଗ୍ରାମରେ ଚାଷ ବାସ କରି ଜୀବନ ଅତିବାହିତ କରି ଆସୁଛନ୍ତି । ହେଲେ ଆଜି ସୁଦ୍ଧା ଏହି ଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇ ପାରିନାହିଁ । ଗ୍ରାମବାସୀ ମାନେ ଜିଲ୍ଲା ଓ ଜଙ୍ଗଲ ପ୍ରଶାସନକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇବାପାଇଁ ବିଭିନ୍ନ ସମୟରେ ଦାବି ଜଣାଇ ଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା । ଜଙ୍ଗଲ ଅଧିକାର ଆଇନ-୨୦୦୬, ଧାରା ୩(୧)ଜ, ଏମାନଙ୍କ ପାଇଁ ସତେ ଯେମିତି ଅପହଂଚ ହୋଇରହିଛି । ଏହି ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ଜଙ୍ଗଲ ଭିତରେ ଥିବା ଗ୍ରାମ କିମ୍ବା ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବାପାଇଁ ବିଧାନ ରହିଥିବାବେଳେ ଏହି ଗ୍ରାମବାସୀ ମାନେ ଏଥିରୁ ବଂଚିତ ହୋଇଛନ୍ତି । ଫଳରେ ବିଭିନ୍ନ କ୍ଷେତ୍ରରେ ମିଳୁଥିବା ସରକାରୀ ସାହାଯ୍ୟ ସହଯୋଗ ପାଇବାରୁ ଏହି ଗ୍ରାମବାସୀମାନେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି । ଏହି ଗ୍ରାମରେ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନୀରିକ୍ଷକ, ବନ କର୍ମକର୍ତା ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବହୁବାର ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନପାଇଁ ଜିଲ୍ଲାପାଳଙ୍କ ଠାରେ ଗ୍ରାମବାସୀ ମାନେ ଦାବି ଉପସ୍ଥାପନ କରି ଆସିଛନ୍ତି । ହେଲେ ଫଳ ଶୁନ । ଏବେ ପୁଣି ଏହି ଆଉଥରେ ମଶାଘାଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀମାନେ ନିବେଦନ ଜଣାଇଥିବାର ଜଣାଯାଇଛି । ତେଣୁ ତୁରନ୍ତ ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବାକୁ ଜନସାଧାରଣରେ ଦାବି ହେଉଛି ।

## ବିଷାକ୍ତ ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

କେନ୍ଦ୍ରାପଡା,୧୮।୧୦ (ନି.ପ୍ର): ମାହାକାଳପଡା ବ୍ଲକ ସୁନିତି ପଂଚାୟତର ସୁନିତି ଗ୍ରାମରେ ଝାଡେଶ୍ୱର ଘଡାଇଙ୍କ ସ୍ତ୍ରୀ ଗୌରୀ ଘଡାଇ ବିଷାକ୍ତ ସର୍ପ ଦଂଶନ ରେ ମୃତ୍ୟୁବରଣ କରିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ତାଙ୍କୁ ସର୍ପ ଦଂଶନ କରିଥିଲା ।

# ଦୁର୍ଗାପୂଜା ଚାନ୍ଦା ମାଗି ଯୁବକ ଗିରଫ

ଭଦ୍ରକ, ୧୮/୧୦ (ହି.ସ.) - ଦୁର୍ଗାପୂଜା ପାଇଁ ଜୋର ଜବରଦସ୍ତ ଜଣେ ବ୍ୟକ୍ତିଙ୍କୁ ଚାନ୍ଦା ମାଗି ୨ ହଜାର ଟଙ୍କା ନେବା ଅଭିଯୋଗରେ ଭଦ୍ରକ ଗ୍ରାମାଂଚଳ ଥାନା ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି । ଏ ସଂପର୍କରେ ମିଳିଥିବା ତଥ୍ୟ ମୂଳେ ଲକ୍ଷ୍ମୀନାରାୟଣ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ଜୋର ଜବରଦସ୍ତ ଦୁର୍ଗାପୂଜା ପାଇଁ ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ଗେଲପୁର ଗ୍ରାମର ବାବୁଲି ନାୟକଙ୍କ ପୁତ୍ର ରଶ୍ମିରଂଜନ (୨୫) ଜୋର ଜବରଦସ୍ତ ଦୁର୍ଗାପୂଜା ବାବାଜ ୨ ହଜାର ଟଙ୍କା ଚାନ୍ଦା ନେଇଥିଲେ । ଏ ସଂପର୍କରେ ଲକ୍ଷ୍ମୀନାରାୟଣଙ୍କ ଅଭିଯୋଗ ମୂଳେ ଭଦ୍ରକ ଗ୍ରାମା ଳ ପୁଲିସ୍ ରଶ୍ମିରଂଜନକୁ ଗିରଫ କରିବା ସହ ତା ନିକଟରୁ ୨ ହଜାର ଟଙ୍କା ଓ ତାର ମୋଟର ସାଇକେଲ୍‌ଟିକୁ ଜବତ କରିଛନ୍ତି । ଆଜି ଥାନା କେଶ୍ ନଂ ୬୦୩/୨୦, ଦଫା ୩୮୬ ମୂଳେ କୋର୍ଟ ଚାଲାଣ କରାଯାଇଥିବାର ଜଣାପଡିଛି ।

# ଜାଣି ନାହାଁନ୍ତି ପୌର ନିର୍ବାହୀ ଅଧିକାରୀ ଖୋଳା ଚାଲିଛି ମୁଖ୍ୟ ରାସ୍ତା

କେନ୍ଦ୍ରାପଡା,୧୮।୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଓ ତିନିମୁହାଣୀ ନିକଟବର୍ତୀ ଅଂଚଳରେ କଂକ୍ରିଟ୍ ରାସ୍ତା ଖୋଳି ବିନା ଅନୁମତିରେ ପାଣି ପାଇପ ସଂଯୋଗ କରାଯାଉଥିବା ଦେଖିବାକୁ ମିଳିଛି । ପୌରାଂଚଳ ମଧ୍ୟରେ ଥିବା ବିଭିନ୍ନ ୱାର୍ଡର ରାସ୍ତା ଗୁଡିକୁ କୋଟି କୋଟି ଟଙ୍କା ବ୍ୟୟରେ ଢଳାଇ କରାଯାଇ ଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ସଂଯୋଗୀକରଣ ପାଇଁ ଏହି କଂକ୍ରିଟ୍ ରାସ୍ତାକୁ ରାତି ଅଧିଆ ଖୋଳା ଯାଉଥିବାରୁ ପୌରସଂସ୍ଥାର ରାସ୍ତା ଗୁଡିକ ପୁଣି ଖାଲଖମାରେ ନଷ୍ଟ ହୋଇଯାଉଛି । ନିୟମ ମୁତାବକ ପାଣି ସଂଯୋଗୀକରଣ ପାଇଁ ରାସ୍ତା କାଟି ପାଇପ ପକାଇବାକୁ ହେଲେ ପୌରସଂସ୍ଥାର ଅନୁମତି ଆବଶ୍ୟକ । ଏହା ସହ ଜନ ସ୍ୱାସ୍ଥ୍ୟ ବିଭାଗ ପାଇପ ବିଛାଇବା ପରେ ତାହାକୁ ପୁନଃର୍ବାର ଢଳାଇ କରି ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ଯାହା ଖର୍ଚ୍ଚ ଲାଗିବ ତାହା ଜନସ୍ୱାସ୍ଥ୍ୟ ବିଭାଗ ବହନ କରିବା କଥା । ମାତ୍ର ପୌରସଂସ୍ଥାର ବିନା ଅନୁମତିରେ ଏଭଳି ରାସ୍ତା ଖୋଳା ଯାଉଥିବାରୁ ଗାଁର ରାସ୍ତା ଓ ସହରର ମୁଖ୍ୟ ରାସ୍ତା ଗୁଡିକ ଏବେ ଦୁର୍ଗମ ହୋଇ ପଡିଲାଣି । କୋଟିକୋଟି ଟଙ୍କା ବ୍ୟୟରେ ତିଆରି ରାସ୍ତାକୁ ଖୋଳି ନଷ୍ଟ କରିବା ଘଟଣାରେ ପୌରସଂସ୍ଥା ମଧ୍ୟ ଚୁପ୍ ହୋଇ ବସିଥିବା ଅଭିଯୋଗ ହେବାପରେ ପୌର ପ୍ରଶାସନିକ ଅଧିକାରୀ ତଥା ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ ଏ ବିଷୟରେ ଜାଣିନାହିଁ । ଅପରପକ୍ଷରେ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ପୌରସଂସ୍ଥା ରାସ୍ତା ଖୋଳିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଅନୁମତି ଦେଇନାହିଁ ବୋଲି କହିଛନ୍ତି । ତେବେ ଏସବୁ ବେଆଇନ ଘଟଣା ଜାଣୀବା ପରେ ପୌରସଂସ୍ଥା କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

# ଧର୍ମଶାଳା ପୋଲିସକୁ ସଫଳତା : ୧୧ ଅଭିଯୁକ୍ତ ଗିରଫ ଓ ସୁନା ଓ ରୂପା ଅଳଙ୍କାର ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,୧୮।୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ସଫଳତା । ଏକ ବଡ ଡକାୟତ ଗ୍ୟାଙ୍ଗକୁ ଧରିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ସହ ସୁନା ରୁପା ଅଳଙ୍କା,ବାଇକ ଓ ବହୁ ମାରଣାସ୍ତ୍ରକୁ ଜବତ କରିଛି । ଏନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନାରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣସିଂ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଚଳିତ ମାସ ୬ ତାରିଖ ପାଖାପାଖି୮ଟା ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦାଠାରେ ଥିବା ଜଗନ୍ନାଥ ଜୁଏଲର୍ସରୁ ମାଲିକ ମହେଶ୍ୱର ସାହୁ ତାଙ୍କ ସ୍କୁଟି ଡିକିରେ ଦୋକାନର ସୁନା ଗହଣା ସହ ନଗଦ ଟଙ୍କା ନେଇ ଘରକୁ ଯାଉଥିଲେ । ଏବଂ କିଛି ଦୁବୃତ ସେମାନଙ୍କୁ ପିଛା କରି ବ୍ରହ୍ମବରଦାସ୍ଥିତ ପହି ମୋଡରୁ ଏକ ବାଇକରେ କିଛି ଦୁବୃତ ଆସି ତାଙ୍କୁ ଆକ୍ରମଣ କରି ସ୍କୁଟି ସହ ନେଇ ଚମ୍ପଟ ମାରିଥିଲେ । ଏହି ଘଟଣାରେ ମହେଶ୍ୱର ଗୁରୁତର ହୋଇଥିଲେ । ଏ ନେଇ ତାଙ୍କ ବାପା ମାଧବାନନ୍ଦ ଥାନାରେ ଏକ ଏତଲା ଦେଇଥିଲେ । ଥାନାରେ ୪୧୦।୨୦ରେ ଏକ ମାମଲା ରୁଜୁ ହେବା ପରେ ପୋଲିସ ଘଟଣାର ଛାନଭିନ ଆରମ୍ଭ କରିଥିଲା । ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରଥମେ ଏହି ଥାନା ଅନ୍ତର୍ଗତ ମହେ୍‌ବରପୁର ପଂଚାୟତ ଚାନ୍ଦପୁର ଗ୍ରାମର ଜଣେ ଯୁବକକୁ ଉଠାଇ ନେଇ ଘଟଣାର ପଚରାଉଚୁରା କରିଥିଲା । ପରେ ସେ ଏହି ଘଟଣାରେ ଜଡିତ ଥିବା ନେଇ ପୋଲିସ ଆଗରେ ସ୍ୱୀକାର କରିଥିଲା । ପରେ ପୋଲିସ ଅଭିଯୁକ୍ତଠାରୁ ସୂଚନା ପାଇ ବିଭିନ୍ନ ସ୍ଥାନରୁ ଚଢାଉ ଜାରି ରଖି ଏହି ଘଟଣାରେ ମୋଟ ୧୧ ଜଣଙ୍କୁ ଗିରିଫ କରିଥିଲା । ୬ ଜଣ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଏହି ଚୋରୀ ସୁନା ରଖିବା ଅଭିଯୋଗରେ ପୋଲିସ ୫ ଜଣକୁ ଗିରଫ କରିଥିଲା । ଅଭିଯୁକ୍ତମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ମହେଶ୍ୱରପୁର ଚାନ୍ଦପୁର ଗ୍ରାମର ସେକ ଇମରାନଙ୍କ ପୁଅ ସେକ୍ ଇରଫନ(୨୨) ଓ ନଇମୁଦ୍ଦିନଙ୍କ ପୁଅ ସେକ୍ ସୋଏବ ଆଲାମ(୨୨),ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଇସଲାମବାଦ ଗ୍ରାମର ସଇଫୁଲ୍ଲା ଖାଁନଙ୍କ ପୁଅ ଅରଫାନ ଖାଁନ(୩୨),କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ବଡକାଳବୁଦା ଗ୍ରାମର ବରଦା ପ୍ରସନ୍ନ ଦାସଙ୍କ ପୁଅ ବିମଳ ପ୍ରସାଦ(୨୬) ଓରଫ ବାବୁ,ଏହି ଜିଲା ସଦର ଥାନା ଅନ୍ତର୍ଗତ ଠାକୁର ପାଟଣା ଗ୍ରାମର ଜହିର ଖାଁନଙ୍କ ପୁଅ ଜାକିର(୩୪) ଓ କଟକ ଜିଲା ମହାଙ୍ଗା ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ସେକ୍ ଅଫସର ଅଲ୍ଲୀଙ୍କ ପୁଅ ସେକ୍ ବସର ଅଲ୍ଲୀ(୨୨) ବୋଲି ଜଣାପଡିଛି । ଏବଂ ଏହି ଘଟଣାରେ ଚୋରୀ ସାମଗ୍ରୀ ରଖିବା ଅଭିଯୋଗରେ ୫ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନେ ଜିଲା ତଥା ଜିଲା ବାହାର ରାଜ୍ୟର ବୋଲି ଜଣାପଡିଛି । ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି । ପୋଲିସ ନଗଦ ୫ଲକ୍ଷ ୮୯ହଜାର୧ଶହ ଟଙ୍କା,୧୨କେଜି ରୂପା ଅଳଙ୍କାର,ତରଳା ଯାଇଥିବା ୭୬ ଗ୍ରାମ ସୁନା,୩ଟି ବାଇକ ସହ ଗୋଟିଏ ଚୋରା ବାଇକ,୧୧ଟି ମୋବାଇଲ, ଗୋଟି ଚାପଡ, ଗୋଟିଏ ଛୁରୀ,ଗୋଟିଏ ଦେଶୀ ବନ୍ଧୁକ ଓ ୨ଟି ଜୀବନ୍ତ ଗୁଳି ଜବତ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଓ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ଉପସ୍ଥିତ ରହିଥିଲେ ।

# ଜିଲ୍ଲାରେ ବିଗିଡା ସ୍ୱାସ୍ଥ୍ୟ ସେବା ନେଇ ବିଜେପି ତରଫରୁ ସାମ୍ବାଦିକ ସମ୍ମିଳନୀ

ବାରିପଦା,୧୮।୧୦ (ନି.ପ୍ର): ଓଡିଶାର ସର୍ବବୃହତମ ମୟୂରଭଂଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଭୁଷୁଡି ଯାଇଛି ବୋଲି ମୟୂରଭଂଜ ବିଜେପି ତରଫରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ବିଧାୟକ ନବଚରଣ ମାଝୀ ପ୍ରକାଶ କରିଛନ୍ତି । ଏଥିରେ ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ପୂର୍ବତନ ଟସର ନିଗମ ଅଧକ୍ଷ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଡଭୋକେଟ ସଂଜୀବ ମହାନ୍ତି, ମୟୂରଭଂଜ ସାଂସଦଙ୍କ ପ୍ରତିନିଧି ଆଡଭୋକେଟ ବରୁଣ ଦେ ପ୍ରମୁଖ ଉପସ୍ଥିତ ଥିଲେ । ମୟୂରଭଂଜ ଜିଲ୍ଲାର ସଦର ଡାକ୍ତରଖାନା, ଉପଖଣ୍ଡ ଡାକ୍ତରଖାନାରେ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ୩୦୦ରୁ ଉର୍ଦ୍ଧ୍ୱ ଡାକ୍ତରୀ ପଦବୀ ସମେତ ସହସ୍ରାଧିକ ନର୍ସ, କର୍ମଚାରୀ ପଦବୀ ଖାଲି ପଡ଼ିଛି । ଏବେ ଗ୍ରାମାଞ୍ଚଳରେ ଏକରକମ ସ୍ୱାସ୍ଥ୍ୟ ସେବା ବିଗିଡି ଯାଇଛି । ମୟୂରଭଂଜବାସୀ ଉତ୍ତମ ସ୍ୱାସ୍ଥ୍ୟ ସେବାରୁ ବଂଚିତ । ନିରିହ ଆଦିବାସୀ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ଏହାକୁ ନେଇ ଜିଲ୍ଲାବାସୀଙ୍କ ମନରେ ଅସନ୍ତୋଷର ଦାନ ବାନ୍ଧିଲାଣି । ବିଗିଡା ସ୍ୱାସ୍ଥ୍ୟ ସେବା ନେଇ ଆଗାମୀ ଦିନରେ ସରକାର ଯଦି ଆବଶ୍ୟକୀୟ ଡାକ୍ତର,ନର୍ସ, କର୍ମଚାରୀ ଏବଂ ଡାକ୍ତରଖାନାକୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଣ ପାଇଁ ବ୍ୟବସ୍ଥା ନ କରନ୍ତି ତାହାହେଲେ ବିଜେପି ଆନ୍ଦୋଳନପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ବିଧାୟକ ନବ ଚରଣ ମାଝୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ଦରକାର ପଡିଲେ ଅଣରାଜନୈତିକ ଦଳ ମାନଙ୍କ ଦ୍ୱାରା ଆହୂତ ଆନ୍ଦୋଳନରେ ବିଜେପି ସାମିଲ ଓ ସମର୍ଥନ ଦେବ । ମୟୁରଭଂଜର ସ୍ୱାସ୍ଥ୍ୟ ସେବାପାଇଁ ଚିଫ ସେକ୍ରେଟାରୀ, ହେଲଥ ସେକ୍ରେଟାରୀ, ସିଡିଏମଓ ଙ୍କୁ ଲିଖିତ ଜଣାଇଛନ୍ତି । ଏଥିସହିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅପାରଗ ସୁପରିଣ୍ଟେଡେଣ୍ଟ ଡଃ ମହାପାତ୍ରଙ୍କ ବଦଳି ଦାବି କରିଛନ୍ତି ।

## ମାଟି ଓ ପଥର ଅତଡ଼ା ଧସି ବନ୍ଦ ଥିବା ଆଙ୍କୁଲି ରାସ୍ତା ସଫେଇ କାର୍ଯ୍ୟ ଜାରୀ

ଗଞ୍ଜାମ,୧୮।୧୦ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷାରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଆଙ୍କୁଲି ଅଂଚଳରେ ପାହାଡ଼ରୁ ମାଟି ଓ ପଥର ଅତଡ଼ା ଖସି ବନ୍ଦ ରହିଥିବା ଆଙ୍କୁଲି ରାସ୍ତା ସଫେଇ କାର୍ଯ୍ୟ ଗତକାଲି ଅପରାହ୍ନରୁ ଆରମ୍ଭ ହୋଇଛି । ବହୁ କଷ୍ଟରେ ସେଠାରେ ଜେସିବି ମେସିନ୍ ପହଂଚିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ସଫା କରାଯାଉଛି । ସାଇଡ୍ ଇଞ୍ଜିନିୟରଙ୍କ ସୂଚନା ପ୍ରକାରେ ଶୁକ୍ରବାର ରାତି ୭ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇ ବନ୍ଦ କରାଯାଇଥିଲା । ପୁଣି ଆଜି ସକାଳୁ କାମ ଆରମ୍ଭ ହୋଇଛି । ରାସ୍ତା ଉପରେ ବଡ ବଡ ପଥର ଖଣ୍ଡ ପଡି ରହିଥିବାରୁ ଆଦିବାସୀ ବହୁଳ ଆଙ୍କୁଲି ପଚାଂୟତକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ରହିଛି ।

# କେନ୍ଦୁଝର :ବେଲଦା ସଂରକ୍ଷିତ ଜଙ୍ଗଲରୁ ଜବତ ମାଟି ବୋଝେଇ ଟ୍ରାକ୍ଟରକୁ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲଦର୍ଶାଇ ବିବାଦରେ ବନବିଭାଗ

କେନ୍ଦୁଝର,୧୮।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ନିର୍ଦ୍ଦିଷ୍ଟ ଏକ ସଂରକ୍ଷିତ ଜଙ୍ଗଲରୁ ବେଆଇନ କାର୍ଯ୍ୟରେ ନିୟୋଜିତ ଏକ ଟ୍ରାକ୍ଟର କୁ ଜବତ କରିବା ପରେ ତାକୁ ଅନ୍ୟ ଏକ ସଂରକ୍ଷିତ ଜଙ୍ଗଲ ରୁ ଜବତ ଦର୍ଶାଇ ରହସ୍ୟ ଜନକ ଭାବେ ବିବାଦ ଘେରକୁ ଚାଲିଆସିଛି । କେନ୍ଦୁଝର ଜିଲ୍ଲା ବନ ବିଭାଗ ଅନ୍ତର୍ଗତ ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁର ଠାରେ ବନ ବିଭାଗ ଗତକାଲି ଶୁକ୍ରବାର ଦିନ ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଥିଲା । ସଂପୃକ୍ତ ସଂରକ୍ଷିତ ଜଙ୍ଗଲ ଭିତରେ ଓ.. ଆର. ୦୯ କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବା ବେଳେ ବନ ବିଭାଗ ଚଢଉ କରି ସେହି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଟ୍ରାକ୍ଟର ଟିକୁ ବେଲଦା ସଂରକ୍ଷିତ ଜଙ୍ଗଲରୁ ଜବଦ ନ ଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ କରିବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଲୁକାୟିତ ଉଦ୍ଦେଶ୍ୟରେ ବନ ବିଭାଗ ଗୋଟିଏ ସ୍ଥାନରେ ଜବତ୍ ଗାଡିକୁ ଅନ୍ୟ ସ୍ଥାନରେ ଦର୍ଶାଉଅଛି ତାହା ତଦନ୍ତ କରିବାକୁ ଦାବୀ ଉଠିଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲ ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଂଚଳରେ ଦିନ ରାତି ଅବାଧରେ ମାଟି, ମୋରମ ଏବଂ ପଥର ଆଦି ଲଘୁ ବନଜାତ ଦ୍ରବ୍ୟ ଚୋରୀ ହେଉଥିବା ବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଏହି ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଥିବା ଘଟଣା କାହାକୁ ଅବଶ୍ୟ ଅଛପା ନାହିଁ । ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ କରା ଯାଉନଥିବାର ସୁଯୋଗ ନେଇ ମାଫିଆ ମାନଙ୍କ ଦ୍ୱାରା ସ୍ଥାନୀୟ ଶ୍ରମିକଙ୍କୁ ଅଳ୍ପ କିଛି ମଜୁରୀ ରେ ନିୟୋଜିତ କରାଯାଇ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଦୀର୍ଘ ଦିନ ଧରି ଲଘୁ ବନଜାତ ଦ୍ରବ୍ୟ ଲୁଟ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗର୍ତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଖୋଲା ଖୋଲି ଭାବେ ରାସ୍ତା ନିର୍ମାଣ କରାଯାଇ ଲଘୁ ଖଣିଜ ସମ୍ପଦ ଲୁଟ କରାଯାଉଛି । ଡି. ଏ. ଫ. ଓ. ତୁରନ୍ତ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହେଉଥିବା ବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

# ଦିନକରେ ୧୪ ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ମାରାଥନ୍ ପ୍ରଚାର

ବାଲେଶ୍ୱର,୧୮।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପାଇଁ ପ୍ରମୁଖ ଦଳମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟ କ୍ରମଶଃ ଜୋରଦାର ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ଆଜି ପ୍ରଥମଥର ପାଇଁ ସଦର ନିର୍ବାଚନମଣ୍ଡଳୀର ଗ୍ରାମାଞ୍ଚଳକୁ ଯାଇ ମାରାଥନ୍ ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ସେ ଚାନ୍ଦିପୁର, ଶ୍ରୀକୋଣା, ପାତ୍ରପଡ଼ା, ବଇଁଚା, ସିଛିଆ, ଓଲନ୍ଦାସାରଗାଁ, ଗୋପୀନାଥପୁର, ପରିଖି, ଦୁବୁଲାଗଡ଼ି, ବାହାବଳପୁର, ଛାନୁଆ, ପଞ୍ଚୁପନା, ସାର୍ଥା ଅଲ୍ଲୁମେଦା ପ୍ରଭୃତି ପଞ୍ଚାୟତରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ସଦର ନିର୍ବାଚନମଣ୍ଡଳୀର ବିକାଶକୁ ବିଜେଡି ସବୁବେଳେ ଅଗ୍ରାଧିକାର ଦେଇ ଆସିଥିବା ବେଳେ ଚଳିତ ନିର୍ବାଚନରେ ତାଙ୍କୁ ଅଧିକ ମାତ୍ରାରେ ସମର୍ଥନ ପାଇଁ ସେ ନିବେଦନ କରିଥିଲେ। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ସମେତ ପ୍ରତ୍ୟେକ ପଞ୍ଚାୟତ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ରାଜ୍ୟସ୍ତରୀୟ ନେତାମାନେ ଏହି ପ୍ରଚାର କାର୍ଯ୍ୟରେ ଯୋଗଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ସାଙ୍ଗକୁ ନିର୍ମଳ ଭାବମୂର୍ତ୍ତିକୁ ଗୁରୁତ୍ୱ ଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେଇ ବିଜୟୀ ପାଇଁ ନିବେଦନ କରିଥିଲେ। ସେହିଭଳି ବିଜେଡି ପକ୍ଷରୁ ପୌରାଞ୍ଚଳର ୨୪ ନଂୱାର୍ଡ଼ରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ପୂର୍ବତନ କାଉନସିଲର ମୀନା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ରାଜ୍ୟସଭା ସାଂସଦ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ବିଜେଡି ଜିଲ୍ଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଉର୍ମିଳତା ଦାସ, ପୂର୍ବତନ ପୌରପାଳ ଆଲୋକ ସାହୁ, ବିଜେଡିର ମହିଳା ନେତ୍ରୀ ରଂଜିତା ମହାପାତ୍ର ପ୍ରମୁଖ ଯୋଗଦେଇ ସହର ତଥା ଜିଲ୍ଲାର ବିକାଶ ଏବଂ ପ୍ରତ୍ୟେକଟି ସମସ୍ୟାର ସାମାଧାନ ପାଇଁ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମାଡ଼ିଆସୁଛି ...

କରାଯାଇଥିବା ବେଳେ ମାଲକାନଗିରି ,କୋରାପୁଟ, ରାୟଗଡ଼ା,ଓ ପୁରୀରେ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ ରୁ ୨୨ ତାରିଖ ମଧ୍ୟରେ ଉପକୂଳ ଓଡିଶା ସମେତ ମୟୁରଭଂଜ,ଢେଙ୍କାନାଳ, ମାଲକାନଗିରି , କୋରାପୁଟ ଓ ରାୟଗଡା ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ୨୨ରୁ ୨୩ ତାରିଖ ମଧରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଅଛି। ଏହାକୁ ଦୃଷ୍ଟିରେ ରଖି ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲା ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟର ୧୯ ତାରିଖରୁ ୪ଦିନ ଧରି ଦକ୍ଷିଣ ଓଡିଶା ବିଶେଷ କରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅଧିକ ବର୍ଷା ହୋଇପାରେ। ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଓ ପାହାଡ଼ ଅତଡ଼ା ଖସି ଅନେକ କ୍ଷୟକ୍ଷତି ଆଶଙ୍କା ରହିଛି। ତେଣୁ ସମ୍ଭାବ୍ୟ ସ୍ଥିତିର ମୁକାବିଲା ଲାଗି ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି ।

### ୭୦ ଲକ୍ଷ ଟଙ୍କାର...

ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାର ଖବର ପାଇ ପୁଲିସ ଏକ ନମ୍ବର ନ ଥିବା ପିକ୍ଅପ୍ ଭ୍ୟାନକୁ ଅଟକାଇଥିଲା। ସେହି ଗାଡ଼ିରୁ ୭ କିଂଟାଲ୍ ୧୨ କିଲୋଗ୍ରାମ୍ ୭୦୦ ଗ୍ରାମ୍ ଓଜନର ଗଞ୍ଜେଇ ପୋଲିସ ଜବତ କରିଥିଲା। ପିକ୍ଅପ୍ ଭ୍ୟାନକୁ ପୁଲିସ୍ ଜବତ କରିଛି। ହେଲେ ଚାଲାଣକାରୀ ମାନେ ଫେରାର ହୋଇ ଯାଇଥିଲେ।

### ୩୩ ଜିଲ୍ଲା ସଭାପତିଙ୍କୁ ...

ମାଲକାନଗିରି ପାଇଁ ଗୋବିନ୍ଦ ପାତ୍ର, ନବରଙ୍ଗପୁର ପାଇଁ ମନୋରଂଜନ ତ୍ରିପାଠୀ, ନୟାଗଡ ପାଇଁ ରଣଜିତ ଦାସ, ନୂଆପଡା ପାଇଁ ଘାସିରାମ ମାଝୀ, ପୁରୀ ପାଇଁ ଅଜିତ ମଙ୍ଗରାଜ, ରାୟଗଡା ପାଇଁ ଦୁର୍ଗା ପ୍ରସାଦ ପଣ୍ଡା, ସମ୍ବଲପୁର ପାଇଁ ଅଶ୍ୱିନୀ ଗୁରୁ, ସୁବର୍ଣ୍ଣପୁର ପାଇଁ ଗୌରୀ ଶ୍ୟାମ ପଣ୍ଡା , ସୁନ୍ଦରଗଡ ପାଇଁ ବେଣୁ ମାଧବ ତ୍ରିପାଠୀ ଏବଂ କଳାହାଣ୍ଡି ପାଇଁ ଭରତ ଭୂଷଣ ବେମାଳଙ୍କୁ ନିଯକ୍ତି ଦିଆଯାଇଛି।

### କେଉଁ ମୁହଁ ନେଇ...

ରକ୍ତହୀନତାର ଶିକାର, ୧୨ରୁ ୨୩ମାସ ମଧ୍ୟରେ ଶିଶୁଙ୍କୁ ଆବଶ୍ୟକୀୟ ଟିକା ପ୍ରଦାନ କରାଯାଇନାହିଁ, ଜନନୀ ସୁରକ୍ଷା ଯୋଜନାରେ ଜିଲ୍ଲାର ୩୪ ପ୍ରତିଶତ ମହିଳାପ୍ରସବ କାଳୀନ ଆର୍ଥିକ ସହାୟତାରୁ ବଞ୍ଚିତ, ମୌଳିକ ସୁବିଧା ସୁଯୋଗର ଅଭାବରୁ ୪୨ ପ୍ରତିଶତ ଗର୍ଭବତୀ ମହିଳା ଆଣ୍ଟି ନାଟାଲ ସେଣ୍ଟର (ଏଏନସି)କୁ ଯାଇ ପାରୁନାହାନ୍ତି। ମାତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଦୀର୍ଘଦିନ ବାଲେଶ୍ୱରରେ ଥାଇ ମଧ୍ୟ ଜିଲ୍ଲାର ସ୍ୱାସ୍ଥ୍ୟସେବା ସ୍ଥିତି ପ୍ରତି ଟିକିଏ ହେଲେ ଦୃଷ୍ଟି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିଜେପି ପକ୍ଷରୁ ଆରୋପ କରାଯାଇଛି। ସବୁଠାରୁ ବଡ଼କଥା ହେଲା ଭେଣ୍ଟିଲେଟର ଅଭାବରୁ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ କେନ୍ଦ୍ର ସରକାର ପ୍ରଦାନ କରିଥିବା ୫୬୭ଟି ଭେଣ୍ଟିଲେଟର ମଧ୍ୟରୁ ଅଦ୍ୟାବଧି ୪୨୦ଟି ବ୍ୟବହାର ନହେବା। ଅନ୍ୟପକ୍ଷରେ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲା ମାତ୍ର ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି ହୋଇପାରୁ ନାହିଁ। ମୁଖ୍ୟଡାକ୍ତରଖାନା ସମେତ ଜିଲ୍ଲାର ସମସ୍ତ ପିଏଚସି ଓ ସିଏଚସିରେ ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବ ଥିବା ବେଳେ ପ୍ରତିଦିନ ଶହ ଶହ ରୋଗୀଙ୍କୁ କଟକ ଓ ଭୁବନେଶ୍ୱରକୁ ରେଫର କରିଦିଆଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ବେଶ୍ କିଛିଦିନ ଧରି ବାଲେଶ୍ୱରରେ ରହି ସଦର ଉପନିର୍ବାଚନର ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ଆପତତଃ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟକୁ ନେଇ ଉପୁଜିଥିବା ସମସ୍ୟା ସମାଧାନ ଓ ସ୍ୱାସ୍ଥ୍ୟସେବାର ସୁଧାର ନେଇ କେଉଁ ପଦକ୍ଷେପ ସବୁ ନେଉଛନ୍ତି, ତାହାକୁ ପ୍ରଚାର ସମୟରେ ଭୋଟର ତଥା ଜନସାଧାରଣଙ୍କୁ ଜଣାନ୍ତୁ। ନଚେତ ସାଧାରଣ ଜନତା ଆପଣଙ୍କୁ କେବେ ବି କ୍ଷମା କରିବେ ନାହିଁ ବୋଲି ବିଜେପି କର୍ମକର୍ତ୍ତାମାନେ କହିଛନ୍ତି। ରାଜ୍ୟ ବିଧାନସଭାର ବିରୋଧୀ ଦଳ ଉପନେତା ଧାମନଗରର ବିଜେପି ବିଧାୟକ ବିଷ୍ଣୁ ସେଠୀ, ବିଜେପି ରାଜ୍ୟ ମୁଖ୍ୟପାତ୍ର ସତ୍ୟବ୍ରତ ପଣ୍ଡା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ଉପ-ସଭାପତି ବିପିନ ବିହାରୀ ଦାସ, ଜିଲ୍ଲା ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ମିଡିଆ ପ୍ରଭାରୀ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

### ରାଜ୍ୟରେ ଆଉ...

ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଜଗତସିଂହପୁର ଜିଲ୍ଲାର ଜଣେ ୪୬ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ମୟୁରଭଂଜ ଜିଲ୍ଲାର ଜଣେ ୪୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ପୁରୀ ଜିଲ୍ଲାର ଜଣେ ୬୩ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଢେଙ୍କାନାଳ ଜିଲ୍ଲାର ଜଣେ ୪୪ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। କନ୍ଧମାଳ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୋଧୀ ଆନ୍ଦୋଳନକୁ ସି.ପି.ଆଇ.(ଏମ୍)ର ସମର୍ଥନ

ଭୁବନେଶ୍ୱର,୧୮।୧୦ (ନି.ପ୍ର): ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଏକତରଫା ଭାବେ ଓଡିଶା ରାଜ୍ୟ ସରକାରଙ୍କ ସମର୍ଥନରେ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପ୍ରତି ୨୦ପଇସା ବୃଦ୍ଧି ଘୋଷଣା ଜନ ବିରୋଧି ବୋଲି ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି । ଓଡିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ପାଇଁ ଦାବି କରି ଚଳିତ ମାସ ୨୨ ତାରିଖ ଦିନ ସଂନ୍ଧ୍ୟା ୬ଟାରୁ ୬.୧୫ମିନିଟ୍ ପର୍ଯ୍ୟନ୍ତ ରାଜ୍ୟକୁ ଅନ୍ଧାର କରି ନିଜର ପ୍ରତିବାଦ ପ୍ରଦର୍ଶନ ପାଇଁ ଆହ୍ୱାନ ଦିଆଯାଇଛି । ଉପଭୋକ୍ତା ମହାସଂଘ ପକ୍ଷରୁ ଦିଆଯାଇଥିବା ଡାକରାକୁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପୂର୍ଣ୍ଣ ସମର୍ଥନ ଜଣାଇଛି। ୨୨ ତାରିଖ ସଂନ୍ଧ୍ୟା ୬ଟାରୁ ୧୫ ମିନିଟ୍ ପର୍ଯ୍ୟନ୍ତ ରାଜ୍ୟର ଘରୋଇ ଉପଭୋକ୍ତା, ଦୋକାନ ବଜାର, ଅନୁଷ୍ଠାନ, ଶିଳ୍ପ କାରଖାନା ଇତ୍ୟାଦି ସକଳ ବର୍ଗର ଉପଭୋକ୍ତାମାନେ ଆଲୁଅ ଲିଭାଇ ପ୍ରତିବାଦ ରେ ଅଂଶ ଗ୍ରହଣ ପାଇଁ ସିପିଆଇଏମ୍ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ନିବେଦନ କରିଛନ୍ତି ।

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ କରିବ : ପ୍ରଫେସନାଲ କଂଗ୍ରେସ

ଭୁବନେଶ୍ୱର,୧୮।୧୦ (ନି.ପ୍ର): ରାଜ୍ୟ ସରକାର ଗତ ବିଧାନସଭା ଅଧିବେଶନରେ ପାରିତ କରିଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପରିପନ୍ଥୀ। ଆଗାମୀ ଦିନରେ ଏହି ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନ ବୃଦ୍ଧି ନୁହେଁ, ବରଂ ହ୍ରାସ କରିବାର ମୁଖ୍ୟ କାରଣ ପାଲଟିବ ବୋଲି ଅଲ ଇଣ୍ଡିଆ ପ୍ରଫେସ୍ନାଲ କଂଗ୍ରେସ ପକ୍ଷରୁ ଆୟୋଜିତ ୱେବିନାରରେ ମତ ପ୍ରକାଶ ପାଇଛି। ଶନିବାର କଂଗ୍ରେସ ନେତ୍ରୀ ତଥା ରାଜ୍ୟ ପ୍ରଫେସନାଲ୍ କଂଗ୍ରେସର ଅଧକ୍ଷା ସୁଚରିତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ୱେବିନାରରେ ବକ୍ତା ଭାବେ ସାମିଲ ହୋଇ ରାଜ୍ୟର ଜଣାସୁଣା ବୁଦ୍ଧଜୀବୀ ଓ ସ୍ତମ୍ଭକାର ଅଧାପକ ବିଶ୍ୱରଂଜନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଶାସନ କଳ ଓ ରାଜନେତାଙ୍କ ଅଯଥା ହସ୍ତକ୍ଷେପକୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟସ୍ତରରେ ଶିକ୍ଷାର ମାନ ହ୍ରାସ ପାଇବ ଏବଂ ଅରାଜକତା ଓ ଦୁର୍ନୀତି ବଢ଼ିବ। କଲେଜରେ ବିଭିନ୍ନ ପଦ ପଦବୀ ପୂରଣ କରିବାରେ ବିଫଳ ହୋଇଥିବା ଓପିଏସ୍ସି ବିଶ୍ୱବିଦ୍ୟାଳୟର ପ୍ରଧପକ ନିଯୁକ୍ତିରେ ମଧ ସଫଳତା ପାଇବାର ଆଶା କମ ବୋଲି ଶ୍ରୀ ବିଶ୍ୱରଞ୍ଜନ ଆଶଙ୍କା ପ୍ରକାଶ କରିଥିଲେ। ଏହା ଦ୍ୱାରା ନିଯୁକ୍ତିରେ ସ୍ୱଚ୍ଛତା ହ୍ରାସ ପାଇବ ଏବଂ ଭୟଶୂନ୍ୟ ମତବ୍ୟକ୍ତ କରିବାର ଅଧିକାରକୁ ଏହା ଲଗାମ ମଧ ଦେବ। ଏପରିକି ବିଶ୍ୱବିଦ୍ୟାଳୟର ସିଲାବସ୍ ରାଜ୍ୟ ସରକାର ନିୟନ୍ତ୍ରଣ କରିବାର ପ୍ରୟାସ ଏକ ଖରାପ ପରମ୍ପରା ସୃଷ୍ଟି କରିବ ବୋଲି ଅଧାପକ ବିଶ୍ୱରଞ୍ଜନ କହିଥିଲେ। ୱେବିନାରରେ ଅନ୍ୟତମ ବକ୍ତାଭାବେ ଯୋଗଦେଇ କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ନରସିଂହ ମିଶ୍ର ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ଏକ କଳା ବିଲ୍ ବୋଲି କହିଥିଲେ। ଏହି ବିଲ୍ ବିରୋଧରେ ରାଜ୍ୟବ୍ୟାପୀ ଜନମତ ସୃଷ୍ଟି କରିବାକୁ ଅଲ ଇଣ୍ଡିଆ ପ୍ରଫେସନାଲ କଂଗ୍ରେସକୁ ଆହ୍ୱାନ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ସ୍ତରରେ ଏହାକୁ ତୀବ୍ର ବିରୋଧ କରାଗଲେ ରାଜ୍ୟ ସରକାର ଏହାକୁ ପ୍ରତ୍ୟାହାର କରିବା ପାଇଁ ବାଧ ହେବେ।

## ଶରତ କରଙ୍କ ପ୍ରତି ଅସମ୍ମାନ ଗ୍ରହଣୀୟ ନୁହେଁ : ବିଶ୍ୱଭୂଷଣ

ଭୁବନେଶ୍ୱର,୧୮।୧୦ (ନି.ପ୍ର): ଓଡ଼ିଶାର ଯଶସ୍ୱୀ ଜନନେତା ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ ତଥା ପ୍ରବଚକ, ଭଞ୍ଜ ସାହିତ୍ୟର ଉପାସକ, ପୂର୍ବତନ ବାଚସ୍ପତି, ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ ତଥା ସର୍ବୋପରେ ଜଣେ ବିଚକ୍ଷଣ ରାଜନୀତିଜ୍ଞଙ୍କ ଅବର୍ତ୍ତମାନରେ ସମ୍ମାନ ଦେବାରେ ଯେଉଁଭଳି ଅବହେଳା କରାଗଲା ଏହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ଏକ ରାଜ୍ୟସ୍ତରୀୟ ସ୍ମୃତିସଭାରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଡଃ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଛନ୍ତି। ରାଜ୍ୟ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଜୁମ୍ ଭିଡ଼ିଓ ମାଧମରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଡଃ ହରିଚନ୍ଦନ କହିଲେ ଯେ ଛାତ୍ର ଅବସ୍ଥାରୁ ସେ ନେତୃତ୍ୱ ନେବା ଓ ଭାଷଣ ଦେବାର କଳା ଶିଖି ଯାଇଥିଲେ। ସେତେବେଳ ସମୟରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍.ଏ ପାସ୍ କରି ମଧ ସମାଜସେବାକୁ ତଥା ରାଜନୀତିକୁ ଆଦରି ନେବା କିଛି କମ୍ କଥା ନୁହେଁ। ୧୯୭୫ ମସିହା ଜରୁରୀକାଳୀନ ପରସ୍ଥିତି ଓ ପରବର୍ତ୍ତୀ ସମୟରେ ସରକାରରେ ସାଙ୍ଗ ହୋଇ ମନ୍ତ୍ରୀ ହେବା ଭଳି ବହୁ ସ୍ମୃତି ରାଜ୍ୟପାଳ ରୋମନ୍ଥନ କରିଥିଲେ। ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଦୃଶ୍ୟଶ୍ରାବ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରଦ୍ଧାଞ୍ଜଳି ଜଣାଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଲେ ଯେ, ଓଡ଼ିଶା ରାଜନୀତି, ଧର୍ମନୀତି, ସମାଜନୀତିରେ ଶରତ କୁମାର କରଙ୍କର ଏକ ସ୍ୱତନ୍ତ୍ରତା ଅଛି। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ଓଡ଼ିଶାର ଜାତୀୟ ସଙ୍ଗୀତ ମାନ୍ୟତା ଦେବାରେ ତାଙ୍କର ଅବଦାନକୁ ଓଡ଼ିଆଜାତି ଭୁଲିପାରିବ ନାହିଁ। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସ୍ୱର୍ଗତ କର ଏକାଧାରାରେ ଜଣେ ରାଜନୀତିଜ୍ଞ, ଜଣେ ସାହିତ୍ୟିକ, ଜଣେ ଧର୍ମ ପ୍ରବଚକ, ବିଶେଷଭାବରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଜଣେ ସଂରକ୍ଷକ ଓ ଜଣେ ବନ୍ଧୁବତ୍ସଳ ଜନନେତା ଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ତାଙ୍କର ପୂର୍ବ ସ୍ମୃତିର ରୋମନ୍ଥନ କରି ଡଃ ହରେକୃଷ୍ଣ ମହାତାବ ତାଙ୍କୁ କିଭଳି ଡଃ କରଙ୍କ ସହ ପରିଚିତ କରାଇଥିଲେ, ସେ ବିଷୟରେ ଆଲୋକପାତ କରିଥିଲେ। ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଡଃ କରଙ୍କ ରାଜନୀତି ସହ ଧର୍ମକୁ ସଂଯୋଗ କରି କାର୍ଯ୍ୟ କରିବାର ଅପୂର୍ବ କଳାର ଅବତାରଣା କରିଥିଲେ। କିସ୍‌ର ଉପଦେଷ୍ଟା ତଥା ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ହରେକୃଷ୍ଣ ଶତପଥୀ ଭଞ୍ଜ ସାହିତ୍ୟ ଓ ଗଣକବି ବୈଷ୍ଣବ ପାଣିଙ୍କ ସାହିତ୍ୟକୁ ଜାତୀୟସ୍ତରରେ ପହଞ୍ଚାଇବାର ଚେଷ୍ଟାରେ ସେ ଥିଲେ ଆଦ୍ୟ ବ୍ୟକ୍ତିତ୍ୱ। ପୂର୍ବତନ ଆୟକର ମୁଖ୍ୟ କମିଶନର ତଥା ସ୍ୱର୍ଗତ କରଙ୍କ ଆହ୍ଲାହାବାଦ ବିଶ୍ୱବିଦ୍ୟାଳୟର ସହପାଠୀ ଏସ୍.ଏନ୍ ଭାର୍ଗବ, ପାଠ ପଢିଲା ସମୟରେ ସେ ନେତା ହେବେ ଏହା ବାରି ହୋଇ ପଡ଼ିଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ତଥା ଟ୍ରଷ୍ଟର କାର୍ଯ୍ୟକାରୀ ଅଧକ୍ଷ ଡଃ ବଦ୍ରୀନାଥ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେବା ପରେ ଡ଼ଃ ତପସ୍ୱିନୀ କରଙ୍କ ଦ୍ୱାରା ସମ୍ପାଦିତ ଇଂରାଜୀ ଓ ଓଡ଼ିଆରେ ଦୁଇଗୋଟି ଶ୍ରଦ୍ଧାଞ୍ଜଳି ପୁସ୍ତିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେବ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦପାଠ ଓ ଡଃ କରଙ୍କ ସୁପୁତ୍ର ସୋଭନ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆର୍ଯ୍ୟଭବନ ଠାରେ ଏକ ବୈଦିକ ଶାନ୍ତି ଯଜ୍ଞ ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ବିମଳ ଦାସଙ୍କ ଯଜମାନତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସ୍ୱର୍ଗତ କରଙ୍କ ଅଗ୍ରଜ ପ୍ରଫେସର ରଜତ କର, କଳିଙ୍ଗ ଭାରତୀର ସ୍ମୃତି ଓ ଦୁଇଭାଇଙ୍କ ଭାଷା, ସଂସ୍କୃତି ଓ ସାହିତ୍ୟ, କଳାର ପ୍ରଚାର ପ୍ରସାର ପାଇଁ ସଂକଳ୍ପକୁ ରୋମନ୍ଥନ କରିଥିଲେ। ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ଗୋବର୍ଦ୍ଧନ ପୀଠ ପକ୍ଷରୁ ପ୍ରବକ୍ତା ମନୋଜ ରଥ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ପ୍ରଫେସର ଉପେନ୍ଦ୍ର ପାଢୀ, ଓକିଲ ଶିଳଭଦ୍ର ଶାସ୍ତ୍ରୀ, ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ଅଧାପକ ପ୍ରଣବ ପାଟ୍ଟଯୋଶୀ, ଡଃ ପ୍ରଫେସର ଯୁଧିଷ୍ଠିର ଖଟୁଆ, ସୀତାବଲ୍ଲଭ ମହାପାତ୍ର, ପ୍ରଫେସର ବିକାଶ ପଣ୍ଡା, ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା, ପ୍ରଫେସର ବୁଦ୍ଧଦେବ ମିଶ୍ର, ଯୋଗଗୁରୁ ନାରାୟଣ ଚନ୍ଦ୍ର ନନ୍ଦ, ମାହାଙ୍ଗାର ଭାବଗ୍ରାହୀ ରାଉତ, ରାମଚନ୍ଦ୍ର ବେହେରା ଓ ସ୍ୱାଧୀନବାଳା ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ୨ ସୁରକ୍ଷାକର୍ମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୮।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଅଗ୍ନିଶମ ସେବା, ଗୃହରକ୍ଷୀ ବାହିନୀ, ବେସାମରିକ ପ୍ରତିରକ୍ଷା ବିଭାଗର କର୍ମଚାରୀ ତପନ କୁମାର ବେହେରା ଓ କାହ୍ନୁ ଶ୍ରୀଚନ୍ଦନ ପରିଡ଼ା ମୂଲ୍ୟବାନ ଜୀବନ ବଂଚାଇ ଅସାଧାରଣ କର୍ତବ୍ୟପରାୟଣତାର ପରିଚୟ ଦେଇଥିବାରୁ ସେ ଦୁହିଁଙ୍କୁ ପ୍ରଶଂସା କରିଛନ୍ତି । ସେମାନଙ୍କର ସାହସିକତା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ବାରିପଦା ,୧୮।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଗତ୧୬ ତାରିଖ ଦିନ ମୟୁରଭ ଜିଲ୍ଲା କରିଆ ନିର୍ବାଚନ ମଣ୍ଡଳି ଅଧୀନସ୍ଥ ଠାକୁରମୁଣ୍ଡା ଠାରେ ବ୍ଲକ୍ ବିଜୁ ଜନତା ଦଳ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । କରିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ଙ୍କ ପରାମର୍ଶ କ୍ରମେ ଠାକୁରମୁଣ୍ଡା ମା ବାଶୁଳୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ବିଜଦର ବ୍ଲକ୍ ସଭାପତି ନନ୍ଦକିଶୋର ବାରିକ ପୌରହିତ୍ୟ କରିଥିବାବେଳେ କରିଆ ଉପଖଣ୍ଡ ଚିକିତ୍ସାଳୟ ବ୍ଲଡ୍‌ବ୍ୟାଙ୍କର ଡାକ୍ତର ଗୌରାଙ୍ଗ ଚରଣ ନାୟକ ଓ ତାଙ୍କ ସହକର୍ମୀମାନେ ରକ୍ତଦାତା ମାନଙ୍କ ପାଖରୁ ରକ୍ତ ସଂଗ୍ରହ କରିଥିଲେ । ଦୀପକ କୁମାରନାୟକ, ସୁବୋଧ ବାରିକ, ପଦ୍ମଲୋଚନ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, ପ୍ରଦୀପକୁମାର ବାରିକ, ତାପସରଞ୍ଜନ ପଣ୍ଡା, ଅବିନାଶ ପଲେଇ, ରବୀନ୍ଦ୍ର ବାରିକ, ବୁଲୁ ସାହୁ, ରାଜୁ ମହାନ୍ତ, ରତି ମହାନ୍ତ, ବିରେନ୍ ପଲେଇ, ଅଜୟ ସେଠୀ, ମାନସ ଆଚାର୍ଯ୍ୟ, ଦେବେନ୍ଦ୍ର ଭୋଇ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ୧୮ ଗୋଟି ପଂଚାୟତରୁ ଆଗଧାଡିର କର୍ମୀମାନେ ଯୋଗ ଦେଇଥିଲେ ।

## ୨୨ରେ୧୫ ମିନିଟ୍ ପାଇଁ ବିଦ୍ୟୁତ୍ ବ୍ୟବହାର ନକରିବାକୁ ସର୍ବଦଳୀୟର ଆହ୍ୱାନ

ଭୁବନେଶ୍ୱର,୧୮।୧୦ (ନି.ପ୍ର): ବିଦ୍ୟୁତ ବିତରଣକାରୀ କମ୍ପାନୀ ଗୁଡ଼ିକୁ ଲାଭ ହେବା ପାଇଁ ବିଦ୍ୟୁତ ଦର ବଢ଼ାଇ ଉପଭୋକ୍ତାଙ୍କ ଉପରେ ଲଦି ଦିଆଯାଉଛି। ଯେଉଁଥିପାଇଁ ୨୦ ପଇସା ବିଦ୍ୟୁତ ଦର ବଢ଼ାଇ ଦିଆଯାଇଛି। ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦ ପାଇଁ ସବୁ ରାଜନୈତିକ ଦଳ ମିଶି ଆସନ୍ତା ୨୨ ଅକ୍ଟୋବର ଗୁରୁବାର ଦିନ ସନ୍ଧ୍ୟ ୬ଘଟିକାରୁ ୬.୧୫ ମି. ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ବନ୍ଦ କରିବା ପାଇଁ କଂଗ୍ରେସ ଦଳ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛି। ବିଦ୍ୟୁତ୍ ଉତ୍ପାଦନ ପାଇଁ ଆବଶ୍ୟକ ଥିବା ଜଳ, କୋଇଲା ଯଥେଷ୍ଟ ପରିମାଣରେ ସୂର୍ଯ୍ୟକିରଣ ଓ କୁଣ୍ଡା ଉପଲବ୍ଧ ଅଛି। ତେଣୁ ଆମ ରାଜ୍ୟରେ ସବୁଠାରୁ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ କମ୍ ହେବା କଥା। କିନ୍ତୁ ଯାହା ଉତ୍ପାଦନ ହେଉଛି ୩୫ ପ୍ରତିଶତ ବ୍ୟବସାୟିକ ଏବଂ ବୈଷୟିକ କ୍ଷତି ହେଉଛି। ଏହା ଅନ୍ୟାନ୍ୟ କେତେକ ରାଜ୍ୟରେ ବହୁତ କମ୍ କ୍ଷତି। ଏପରିକି ଦିଲ୍ଲୀରେ ଶତକଡ଼ା ୮ ପ୍ରତିଶତ କ୍ଷତି ହେଉଛି। ଓଡ଼ିଶାରେ ବେଶି କ୍ଷତିର କାରଣ ଆମ ସରକାର ଓ ବୈଦ୍ୟୁତିକ ବିତରଣ ସଂସ୍ଥାର ଅପାରଗତା। ସଂସ୍କାର ଆଣିବା ପାଇଁ ବିଶ୍ୱବ୍ୟାଙ୍କ ଠାରୁ ସହାୟତା ଆଣି ଓଡ଼ିଶାରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୨୦୦୦ ମସିହାରେ ଏହାକୁ ବନ୍ଦ କରିଦିଆଗଲା। ଅପରାଗତା ପାଇଁ ୩୫ ପ୍ରତିଶତ କ୍ଷତି ହୋଇଛି ବୋଲି ଦଳ ଅଭିଯୋଗ କରିଛି।

## ପତଞ୍ଜଳି ଯୋଗ ସମିତି ବୈଠକ

ବାଲେଶ୍ୱର,୧୮।୧୦ (ନି.ପ୍ର): ବାଲେଶ୍ୱର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ପ୍ରଶିକ୍ଷକଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ରୟାଲ କୁଇନ୍ କଲ୍ୟାଣମଣ୍ଡପରେ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ଯୋଗଦେଇ ନିରୋଗ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ମହାମାରୀକୁ ଏଡ଼େଇବା ଓ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିରେ ବାଲେଶ୍ୱର ପତଞ୍ଜଳି ଯୋଗ ସମିତିର ଯୋଗ ଶିକ୍ଷକଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ। ଭାରାତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ପତଞ୍ଜଳି ଯୋଗ ପ୍ରଭାରୀ ଯଶୋମତି ଶିଅଳ, ଜିଲ୍ଲା ଯୁବ ପ୍ରଭାରୀ ମନୋଜ କୁମାର ଦେ, ଜିଲ୍ଲା ଲିଗାଲ ସେଲ ପ୍ରଭାରୀ ଗୋବର୍ଦ୍ଧନ ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଯୋଗ ଶିକ୍ଷକ ଉପସ୍ଥିତ ଥିଲେ।

## ସଣ୍ଡେ ସମ୍ବାଦ-୬ ଅବସରରେ ସମସ୍ତଙ୍କୁ ଶରତ ନବରାତ୍ରୀର ଶୁଭେଚ୍ଛା ଜଣାଇଲେ ଡ. ହର୍ଷବର୍ଦ୍ଧନ

### ଏହି ପାର୍ବଣ ଋତୁରେ ଉତ୍ସବ ବଦଳରେ ଦାନ ପ୍ରତି ଗୁରୁତ୍ୱ ଦିଆଯାଉ

ନୂଆଦିଲ୍ଲୀ, ୧୮ ଅକ୍ଟୋବର (ହି.ସ.) କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଆଜି ସଣ୍ଡେ ସମ୍ବାଦର ଛଷ୍ଠ ଅଧ୍ୟାୟରେ ସୋସିଆଲ ମିଡିଆର ଅନେକ ଜିଜ୍ଞାସୁ ଆଲୋଚକମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ଏବଂ ସମସ୍ତଙ୍କୁ ନବରାତ୍ରୀ ପାଇଁ ଶୁଭକାମନା ଜଣାଇଥିଲେ । ସେ ସୋସିଆଲ ମିଡିରେ ନିଜର ପ୍ରଶଂସକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜନ ଆନ୍ଦୋଳନର ଆହ୍ୱାନକୁ ସମ୍ମାନ କରିବା ଏବଂ କୋଭିଡ ଉପଯୁକ୍ତ ବ୍ୟବହାର ପାର୍ବଣ ଋତୁରେ ପାଳନ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତଙ୍କୁ ଅନୁରୋଧ କରି କହିଥିଲେ ଯେ ସମସ୍ତେ ନିଜ ନିଜ ଘରେ ପ୍ରିୟଜନମାନଙ୍କ ସହିତ ପାରମ୍ପରିକ ପଦ୍ଧତିରେ ପାର୍ବଣକୁ ଉପଭୋଗ କରନ୍ତୁ । ଡା. ହର୍ଷ ବର୍ଦ୍ଧନ କହିଥିଲେ ଯେ ଏହି ପାର୍ବଣ ଋତୁରେ ଉତ୍ସବ ପରିବର୍ତ୍ତେ ଦାନକୁ ଗୁରୁତ୍ୱାରୋପ କରାଯିବା ଉଚିତ ଏବଂ ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବା ବଦଳରେ ନିଜ ପ୍ରିୟଜନମାନଙ୍କ ସହିତ ଘରେ ହିଁ ପାର୍ବଣ ପାଳନ କରନ୍ତୁ । ସେ କହିଥିଲେ ଯେ ସାରା ବିଶ୍ୱରେ କରୋନା ଯୋଦ୍ଧା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅନ୍ୟ କରୋନା ଯୋଦ୍ଧାଙ୍କ ଉପରେ ଯେଉଁ ପ୍ରଭାବ ପଡୁଛି ତାହାକୁ ଦେଖି ପର୍ବ ପାଳନ କରିବା ଲାଗି ମୋର ଉତ୍ସାହ ହ୍ରାସ ପାଇଛି । ଡା. ହର୍ଷବର୍ଦ୍ଧନ ନିକଟରେ କେରଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ସମ୍ପର୍କରେ ନିଜର ବିଚାର ରଖିଥିଲେ । ସେ କହିଥିଲେ ଯେ ୩୦ ଜାନୁଆରୀରୁ ୩ ମଇ ମଧରେ କେରଳରେ ମାତ୍ର ୪୯୯କରୋନା ମାମଲା ଚିହ୍ନଟ ହୋଇଥିଲା ଏବଂ ଦୁଇ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା । କିନ୍ତୁ ନିକଟରେ ଓଣମ ପର୍ବ ସମୟରେ ଲୋକମାନେ ଯେପରି ଭାବେ ଅବହେଳା ପ୍ରଦର୍ଶନ କଲେ ତା'ର ଫଳ କେରଳକୁ ଭୋଗିବାକୁ ପଡ଼ିଲା । ବ୍ୟବସାୟ ଓ ପର୍ଯ୍ୟଟନ ପାଇଁ ରାଜ୍ୟରେ ଲୋକମାନଙ୍କ ସଂଖ୍ୟା ବୃଦ୍ଧି ଫଳରେ ଅନେକ ଜିଲ୍ଲା କରୋନା ସଂକ୍ରମଣ କବଳକୁ ଚାଲିଆସିଲା । ସେ କହିଥିଲେ ରାଜ୍ୟରେ ଓଣମ ପର୍ବ ସମୟରେ କରୋନା ସଂକ୍ରମଣର ଗ୍ରାଫ ସମ୍ପୂର୍ଣ୍ଣ ଭାବେ ବଦଳିଗଲା ଏବଂ ଦୈନିକ ନୂଆ ମାମଲା ଦୁଇ ଗୁଣା ବୃଦ୍ଧି ପାଇଲା । ସବୁ ସରକାର ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଯେଉଁମାନେ ପାର୍ବଣ ଋତୁ ପାଇଁ ଯୋଜନା ପ୍ରସ୍ତୁତିରେ ଅବହେଳା ପ୍ରଦର୍ଶନ କରିଛନ୍ତି । ବିଶ୍ୱର ଅନେକ ଦେଶରେ କରୋନା ସଂକ୍ରମଣ ଏକ ସମୟରେ ହୋଇଥିଲା ବୋଲି ଚୀନ ପକ୍ଷରୁ କରାଯାଇଥିବା ଦାବି ସମ୍ପର୍କରେ ଡା. ହର୍ଷବର୍ଦ୍ଧନ ପ୍ରତିକ୍ରିୟା ରଖି କହିଥିଲେ ଯେ ଏହାର କୌଣସି ପ୍ରମାଣ ନାହିଁ ଯାହା ଚୀନର ଦାବିକୁ ସତ୍ୟ ପ୍ରମାଣିତ କରିପାରିବ । ଚୀନର ଉହାନ କ୍ଷେତ୍ରରୁ ହିଁ ସର୍ବପ୍ରଥମ କରୋନା ମାମଲା ଚିହ୍ନଟ କରାଯାଇଥିଲା । ବଜାରରେ ଚୀନ ନିର୍ମିତ ଅକ୍ସିମିଟର ବ୍ୟାପକ ମାତ୍ରାରେ ଘୂରି ବୁଲୁଥିବା ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ଉପଭୋକ୍ତାମାନେ ବଜାରରୁ କିମ୍ବା ଅନଲାଇନ ରିଟେଲରମାନଙ୍କ ଠାରୁ ପଲ୍ସ ଅକ୍ସିମିଟର କିଣିବା ସମୟରେ ଏଫଡିଏ/ସିଇ ମଞ୍ଜୁରି ଯୁକ୍ତ ଉତ୍ପାଦ ତଥା ଆଇଏସ ଓ /ଆଇଇସି ମାନକ ଦେଖିବା ଆବଶ୍ୟକ । ସେ କହିଥିଲେ ଯେ ଅକ୍ସିଜେନ ସ୍ତର ହ୍ରାସ ପାଇବା କୋଭିଡ-୧୯ର କୌଣସି ଲକ୍ଷଣ ନୁହେଁ ଏବଂ ଏହା ଅନ୍ୟ ଚିକିତ୍ସା ସମ୍ବନ୍ଧୀୟ ସମସ୍ୟା କାରଣରୁ ମଧ ହୋଇପାରେ । ଏହାଛଡ଼ା ସେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସଂକ୍ରାନ୍ତରେ ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ ।

## ବାସୁଲିଆ ଆଦିବାସୀ ସାହିରେ କୁନିଝିଅ ପୁଅଙ୍କୁ ନୂତନ ବସ୍ତ୍ର ବଣ୍ଟନ

ଜଳେଶ୍ୱର,୧୮।୧୦ (ନି.ପ୍ର): କାର୍ତ୍ତିକ ମାସର ଗର୍ଭଣା ସଂକ୍ରାନ୍ତି ଉପଲକ୍ଷେ ହିନ୍ଦୁଧର୍ମର ବିଶ୍ୱାସ ଅନୁଯାୟୀ ଗରିବ ଲୋକଙ୍କୁ ବସ୍ତ୍ରଦାନ କଲେ ପୂର୍ଣ୍ଣଫଳ ମିଳିଥାଏ । ଏହି ନ୍ୟାୟରେ ମାନସ ରଂଜନ ଧଳଙ୍କ ନେତୃତ୍ୱରେ ଗୋପୀମୋହନପୁର ପଂଚାୟତର ବାସୁଲିଆ ଆଦିବାସୀ ସାହିରେ କୁନି କୁନି ଆଦିବାସୀ ପୁଅ ଝିଅଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି । ମହାପ୍ରସାଦ ପାତ୍ରଙ୍କ ସାହାର୍ଯ୍ୟ ଓ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାଳିଚରଣ ଦାସ, ସମବାରୀ ହେମ୍ବ୍ରମ, ହରିଚନ୍ଦନ ଦେ, ସୁଜିତ୍ କାମିଳା, ସୁଶାନ୍ତ କରଣ, ତପନ ଧଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏପରି ଏକ କାର୍ଯ୍ୟ ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି ।

ସୋମବାର, ୧୯ ଅକ୍ଟୋବର ୨୦୨୦

ଧ୍ୱନି ପ୍ରତିଧ୍ୱନି




## ୧୦ ଜିଲ୍ଲାରେ ଏସ୍‌ଟି, ଏସ୍‌ସି ହଷ୍ଟେଲର ମୂଲ୍ୟାଙ୍କନ ପାଇଁ ଅନଲାଇନ୍ ଆଇଟି ବ୍ୟବସ୍ଥା ଲୋକାର୍ପିତ

ଭୁବନେଶ୍ୱର,୧୮।୧୦ (ନି.ପ୍ର): ରାଜ୍ୟ ସରକାର ୨୦୧୯ ମସିହା ଡିସେମ୍ବର ମାସରେ ନାବେଟ୍-କ୍ୟୁସିଆ ସହଯୋଗରେ ମିଶନ 'ସୁବିଦ୍ୟା' ଆରମ୍ଭ କରିଥିଲେ ।ଏହି ମିଶନର ଅଂଶ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନାବେଟ୍-କ୍ୟୁସିଆ ସହଭାଗିତାରେ ଏସ୍‌ସି,ଏସ୍‌ଟି ହଷ୍ଟେଲ୍ ଗୁଡ଼ିକର ମାନ ନିର୍ଦ୍ଧାରଣ, ମୂଲ୍ୟାଙ୍କନ ଓ ବେଂଚମାର୍କ ସ୍ଥାପନ ପାଇଁ ପଦକ୍ଷେପ ନେଇଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପରବର୍ତୀ ପର୍ଯ୍ୟାୟରେ ଏହି ପ୍ରୋଜେକ୍ଟରେ ଆଉ ଦଶଟି ଜିଲ୍ଲାର ହଷ୍ଟେଲର ମୂଲ୍ୟାଙ୍କନ କାର୍ଯ୍ୟ ହାତକୁ ନିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୧୨୮୩ଟି ହଷ୍ଟେଲକୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ମୂଲ୍ୟାଙ୍କନ ପରେ ପ୍ରସ୍ତୁତ ହୋଇଥିବା ଡିମ୍‌ଡ୍ ପ୍ରିପେୟାରଡ୍ ହଷ୍ଟେଲଗୁଡ଼ିକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯିବ । ସ୍ମାର୍ଟ ପ୍ରଯୁକ୍ତି ଜ୍ଞାନସଂପନ୍ନ ସଲ୍ୟୁସନ ମାଧ୍ୟମରେ ଅକ୍ଟୋବର ୧୫ ତାରିଖଠାରୁ ସିଧାସଳଖ ଅନ୍‌ଲାଇନ୍ ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ ଲାଇନ୍ ରେ ମନୋନୀତ ହଷ୍ଟେଲଗୁଡ଼ିକ ସିଧାସଳଖ ଅନ୍‌ଲାଇନ୍ ରେ ନିଜର ମୂଲ୍ୟାଙ୍କନ କରିବେ। ଏହି ପ୍ରଯୁକ୍ତି ଜ୍ଞାନର ଉପଯୋଗ କରାଯାଇ ହଷ୍ଟେଲର ରିପୋର୍ଟ ଓ ସ୍କୋର ନାବେଟ୍ ଟିମ୍‌କୁ ପ୍ରଦାନ କରାଯିବ। ଆହୁରି ମଧ୍ୟ ନାବେଟ୍ ଟିମ୍ ଭର୍ଚୁଆଲ୍ ଟୁର୍ କରି ହଷ୍ଟେଲ୍‌ର ପ୍ରସ୍ତୁତି ସଂପର୍କରେ ଅନୁଧ୍ୟାନ କରିବେ। ହଷ୍ଟେଲଗୁଡ଼ିକ ଅନ୍‌ଲାଇନ୍ ରେ ସେମାନଙ୍କ କାର୍ଯ୍ୟକଳାପର ରେକର୍ଡ଼ ଅପ୍‌ଲୋଡ୍ କରିବେ। ହଷ୍ଟେଲ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱମୂଲ୍ୟାଙ୍କନ ସ୍କୋର ସହିତ ନାବେଟ୍ ଟିମ୍‌କୁ ଡକ୍ୟୁମେଂଟାରୀ ପ୍ରମାଣପତ୍ର ଅନ୍‌ଲାଇନ୍ ଯୋଗେ ଦେବା ପରେ ଅନ୍ ସାଇଟ୍ ମୂଲ୍ୟାଙ୍କନ କରାଯିବ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ।

# ଗୋଟିଏ ଦିନରେ ୨୦୧୯ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୮୩୬୪




ଭୁବନେଶ୍ୱର,୧୮।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୦୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୮୩୬୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୪୪୨୨୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୨୯୪୯ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୧୯ ଜଣଙ୍କ ମଧ୍ୟରୁ ୧୧୬୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୫୧ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୨୮୩ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୨୯, ବାଲେଶ୍ୱର ଜିଲ୍ଲାରେ ୬୯ ଜଣ, ବରଗଡ ଜିଲ୍ଲାରେ ୭୭ , ଭଦ୍ରକ ଜିଲ୍ଲାରେ ୪୧, ବଲାଙ୍ଗିର ଜିଲ୍ଲାରେ ୭୧, ବୌଦ୍ଧ ଜିଲ୍ଲାରେ ୧୨ ,କଟକ ଜିଲ୍ଲାରେ ୧୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨୦ ଢେଙ୍କାନାଳ ଜିଲ୍ଲାରେ ୩୮, ଗଜପତି ଜିଲ୍ଲାରେ ୬, ଗଂଜାମ ଜିଲ୍ଲାରେ ୩୩, ଜଗତସିଂହପୁର ଜିଲ୍ଲାରେ ୬୪, ଯାଜପୁର ଜିଲ୍ଲାରେ ୭୩. ଝାରସୁଗୁଡା ଜିଲ୍ଲାରେ ୪୩, କଳାହାଣ୍ଡି ଜିଲ୍ଲାରେ ୬୯, କନ୍ଧମାଳ ଜିଲ୍ଲାରେ ୩୧, କେନ୍ଦ୍ରାପଡା ଜିଲ୍ଲାରେ ୬୧ ,କେନ୍ଦୁଝର ଜିଲ୍ଲାରେ ୫୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୧ ଜଣ, ମାଲକାନଗିରି ଜିଲ୍ଲାରେ ୨୦, ମୟୁରଭଂଜ ଜିଲ୍ଲାରେ ୧୧୧, ନବରଙ୍ଗପୁରରେ ୬୦, ନୟାଗଡ ଜିଲ୍ଲାରେ ୪୦, ନୂଆପଡା ଜିଲ୍ଲାରେ ୯୦, ପୁରୀ ଜିଲ୍ଲାରେ ୩୦, ରାୟଗଡା ଜିଲ୍ଲାରେ ୨୪, ସମ୍ବଲପୁର ଜିଲ୍ଲାରେ ୫୨ ,ସୋନପୁର ଜିଲ୍ଲାରେ ୬୮ ତଥା ସୁନ୍ଦରଗଡ ଜିଲ୍ଲାରେ ୯୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟ ପୁଲରେ ୫୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।


ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦


## ୬୦ନଂ ରାଜପଥରେ ଓଲଟିଲା ଡମ୍ପର : ଡ୍ରାଇଭର ଫେରାର

ଜଳେଶ୍ୱର, ୧୮/୧୦ (ନି.ପ୍ର) : ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ହସ୍‌ପିଟାଲ ସ୍ଲିପ ରୋଡ ଠାରେ ଏକ ଡମ୍ପର ଓଡି୦୧ଜେଡ୍-୨୬୦୦ ନିଜର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ସ୍ଲିପ ଓ୍ୱେଟି ଦୀର୍ଘ ସମୟ ଧରି ଯାତାୟାତ ବନ୍ଦ ହୋଇ ଯାଇଥିଲା । ଡମ୍ପରଟି ରାଜଘାଟ ଆଡୁ ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ଓଲଟି ଯିବାପରେ ଡ୍ରାଇଭର ସେଠାରୁ ଚମ୍ପଟ ମାରିଥିଲା । ସେଠାରେ ବାରମ୍ବର ଦୁର୍ଘଟଣା ଘଟୁଥିବାର ଜଣାଯାଏ । ସ୍ଲିପ୍ ଓ୍ୱେଟି ଠିକ୍‌ଭାବେ ନିର୍ମାଣ କରାଯାଇନଥିବାର ଅଭିଯୋଗ ହେଉଛି ।

## କାର୍ଯ୍ୟବନ୍ଦ ଆନ୍ଦୋଳନ ସଫଳ ପାଇଁ ବିଏମ୍‌ଏସ୍‌ର ପ୍ରସ୍ତୁତି ବୈଠକ



ଭଦ୍ରକ,୧୮।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ କରି ଆଗାମୀ ୨୮ ତାରିଖ ଭାରତରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ନିମନ୍ତେ ଦିଆଯାଇଥିବା ଡାକରାକୁ ସଫଳ କରିବା ପାଇଁ ଭାରତୀୟ ମଜଦୁର ସଂଘର ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା କାର୍ଯ୍ୟାଳୟ ମାଳତୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ସଂଘର ଜିଲ୍ଲା ଉପସଭାପତି ମନୋଜ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର ଯୋଗ ଦେଇ କେନ୍ଦ୍ର ସରକାର ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଶ୍ରମ କୋର୍ଡ ଅନ୍ତର୍ଭୁକ୍ତ କରି ଶ୍ରମ ଆଇନ ପରିସରଭୁକ୍ତ କରିବା, ଶ୍ରମ କୋର୍ଡରେ ବୋନସ ନିୟମର ଯଥାସ୍ଥିତ ପ୍ରବର୍ତ୍ତନ କରିବା, ଶ୍ରମ କୋର୍ଡରେ ଷ୍ଟାଣ୍ଡିଂ ଅର୍ଡରର ପୂର୍ବ ନିୟମ ବଜାୟ ରଖିବା, ଫିକ୍ସ ଟର୍ମ ଏମ୍ପ୍ଲୋୟମେଣ୍ଟକୁ ବାତିଲ କରିବା, ନିର୍ମାଣ କ୍ଷେତ୍ରରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଖର୍ଚ୍ଚ ଉପରେ ଶେସ୍ ଲାଗୁ କରିବା, ଶ୍ରମ କୋର୍ଡରେ ଷ୍ଟ୍ରାଇକ୍ ଅଧିକାରକୁ ସଂକୋଚିତ ନ କରିବା, ଶିଳ୍ପ ପ୍ରତିଷ୍ଠାନ ଓ ଖଣି ବନ୍ଦ ଅଧିନିୟମକୁ ପରିବର୍ତ୍ତନ ନ କରିବା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏଥିନେଇ ଆଗାମୀ ୨୮ ଅକ୍ଟୋବର ଭାରତ ବର୍ଷର ବିଭିନ୍ନ ଶିଳ୍ପାନୁଷ୍ଠାନ ଏବଂ ଅନ୍ୟାନ୍ୟ ଶ୍ରମଭିତ୍ତିକ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ଭଦ୍ରକ ଜିଲ୍ଲାରେ ଥିବା ଧାମରା ବନ୍ଦର, ଧାମରା ରେଲଓ୍ୱେ , ଉତ୍କଳ ଫ୍ଲୋର୍ ମିଲ୍, ଫେକର ଚାର୍ଜକ୍ରୋମ୍ ପ୍ଲାଣ୍ଟ ଓ ପାଓ୍ୱାଲ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକମାନେ କାର୍ଯ୍ୟ ବନ୍ଦ ରଖିବାକୁ ଶ୍ରୀ ମହାପାତ୍ର ନିବେଦନ କରିଥିଲେ। ଏହି ବୈଠକରେ ବିଏମ୍‌ଏସ୍‌ର ଜିଲ୍ଲା ସମ୍ପାଦକ ମୁକ୍ତିକାନ୍ତ ସାହୁ, ଜିଲ୍ଲା ସଂଗଠନ ସମ୍ପାଦକ ପରେଶ ନାଥ ଧଳ, ସହସମ୍ପାଦକ ବସନ୍ତ ରାଉତ, କୋଷାଧ୍ୟକ୍ଷ ବାଇଧର ସେନାପତି, ସଦସ୍ୟ ଚନ୍ଦ୍ରଶେଖର ଜେନା, ବିଜୟ ପ୍ରତାପ ଜେନା, ପ୍ରଫୁଲ୍ଲ ସେଠୀ, ପ୍ରକାଶ ପାତ୍ର, କମଳାକାନ୍ତ ସାହୁ, ନିର୍ମଳ ବେହେରା, ଉଦୟ ବେହେରା, ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସମ୍ମିଳନୀ-ନିର୍ବାଚନୀ ସଭା




ବାଲେଶ୍ୱର,୧୮।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନକୁ ଗୁରୁତ୍ୱ ଦେଇ ବିଜୁ ଶ୍ରମିକ ସାମୁଖ୍ୟ ସହ ଅନୁବନ୍ଧିତ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସମ୍ମିଳନୀ ଓ ନିର୍ବାଚନୀ ସଭା ସ୍ଥାନୀୟ ସିଦ୍ଧି କଲ୍ୟାଣମଣ୍ଡପରେ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସାଂସଦ ସୁବାସ ସିଂହ ଏଥିରେ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲା ତଥା ରାଜ୍ୟରେ ବିଭିନ୍ନ ବର୍ଗର ଶ୍ରମିକ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏକାଧିକ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ମାଣ ଶ୍ରମିକ ହୁଅନ୍ତୁ ବା ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀ ଶ୍ରମିକ, ସମସ୍ତଙ୍କ ପାଇଁ ରାଜ୍ୟ ସରକାର ନୂଆ ଯୋଜନା କାର୍ଯ୍ୟକାରୀ କରିଥିବା ସାଂସଦ ସୂଚନା ଦେଇଥିଲେ। ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର,ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ସୋ ବିଧାୟକ ପର୍ଶୁରାମ ଧଡ଼ା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଯଯାତି ଦାସ ମହାସଂଘର ଜୋନାଲ ସମ୍ପାଦକ ହରିଶ ଦାସ, କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ସାଧାରଣ ସମ୍ପାଦକ ଅମର ସିଂହ, ଅଙ୍ଗନଓ୍ୱାଡ଼ି କର୍ମୀ ସଂଘ ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ଚଳିତ ଉପ-ନିର୍ବାଚନ ବିଜେଡି ପାଇଁ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ହୋଇଥିବା ବେଳେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ନିମନ୍ତେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ କିପରି ଅଧିକ ଭୋଟ ମିଳିବ ସେନେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ବିଜେଡି ଜିଲ୍ଲା ମିଡିଆ ପ୍ରଭାରୀ ରଘୁନାଥ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଶ୍ରମିକ ସାମୁଖ୍ୟ ଓ ବିଦ୍ୟୁତ୍ କର୍ମଚାରୀ ମହାସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଚୋରା ବାଘ ଚମଡ଼ା ମାମଲାରେ ଗିରଫ: ଜଣେ ଫେରାର

ବାରିପଦା ,୧୮।୧୦ (ନି.ପ୍ର): ମୟୁରଭ ଜିଲ୍ଲାର ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ରେରେ ଗତ ସେପଟ୍ଟେମ୍ବର ୩ ତାରିଖରେ କଟାସ ଗ୍ରାମରେ କଲରା ପଡିରିଆ ବାଘ ଚମଡ଼ାର ବିକ୍ରିପାଇଁ ମୁଲଚାଲ ଚାଲୁଥିବା ବେଳେ ବନବିଭାଗ ଖବର ପାଇ ଅତର୍କିତ ଚଢ଼ାଉ କରି ଘଟଣା ସ୍ଥଳରେ ବାଘ ଚମଡ଼ା ଜବତ କରିବା ସହ ଜଣକୁ ଗିରଫ କରିଥିବା ବେଳେ ଦୁଇ ଜଣ ଫେରାର ହୋଇ ଯାଇଥିଲେ। ଗତକାଲି ଫେରାର ଦୁଇ ଜଣଙ୍କୁ ବନ ବିଭାଗ ଗିରଫ କରିଥିଲା। ସେମାନେ ହେଲେ ଶିମିଳିପାଳ ଅଭୟାରଣ୍ୟର ବରେହିପାଣି ଅନ୍ତର୍ଗତ ବସିଆ ଗ୍ରାମର ଲବୟ ପୂର୍ତୀ ଏବଂ ମଣଦା ଫାଣ୍ଡି ଅନ୍ତର୍ଗତ ଖେଜୁରିଆ ଗ୍ରାମର ପାର୍ଥ ନାଏକ। ଦୁଇ ଜଣଙ୍କୁ ମଣଦା ବନ ବିଭାଗ କର୍ମଚାରୀ ମଣଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଣିଥିଲା ବେଳେ ସୁଯୋଗ ଉଣ୍ଡି ଲବୟ ପୂର୍ତୀ କୌଶଳ କ୍ରମେ ଫେରାର ହୋଇଯାଇଥିଲା। ବନ ବିଭାଗ ଫେରାର ଆସାମୀକୁ ଖୋଜି ଖୋଜି ନୟାନ୍ତ ହୋଇ ଯାଇଥିଲେ ମଧ ତାର ପତା ମିଳିନଥିବାରୁ ପାର୍ଥ ନାଏକକୁ କୋର୍ଟ ଚାଲାଣ କରିଥିବାର ଜଣାଯାଇଛି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୧ ମୃତ

ଜଳେଶ୍ୱର, ୧୮/୧୦ (ନି.ପ୍ର) : ମାଳିପାଳ ଗାଁର କଟିଆ ଦତ୍ତଙ୍କ ଏକମାତ୍ର ପୁଅ ପୂର୍ଣ୍ଣ ଦତ୍ତ(୨୦) ଗାଁ ମୁଣ୍ଡରେ ଥିବା ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲା । ଆଜି ସକାଳେ ବିଦ୍ୟୁତ୍ କଟ୍ ର କାରଣ ଜାଣିବାଲାଗି ମରାମତି କରୁଥିବା ବେଳେ ବିଦ୍ୟୁସ୍ ସଂସ୍ପର୍ଷରେ ଆସିଥିଲା । ସେଠାରୁ ଗୁରୁତର ଅବସ୍ଥାରେ ହାତୀଗଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପୂର୍ଣ୍ଣର ମୃତ୍ୟୁ ଘଟିଥିବା ଜଣାଯାଇଛି । ତାଙ୍କର ଏକମାତ୍ର ନାବାଳକ ଶିଶୁ ଓ ବିଧବା ପତ୍ନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହେଉଛି ।

## ବିଜେପି ପ୍ରାର୍ଥୀ ମାନସଙ୍କ ପ୍ରଚାର ଜୋରଦାର



ବାଲେଶ୍ୱର,୧୮।୧୦ (ନି.ପ୍ର): ଚଳିତ ବାଲେଶ୍ୱର ସଦର ଉପ-ନର୍ବାଚନର ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ସମେତ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ପ୍ରଚାର କ୍ରମଶଃ ଜୋରଦାର ହେବାରେ ଲାଗିଛି। ଆଜି ଦିନ ତମାମ ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ଏହି ପ୍ରଚାର କାର୍ଯ୍ୟ ଜାରି ରହିଥିବା ଦେଖିବାକୁ ମିଳିଥିଲା। ସକାଳେ ପ୍ରଥମେ ରାଣୀପାଟଣାରେ ଏହି ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନୂଆବଜାର, ଗୋପାଳଗାଁ, ମାନସିଂବଜାର, ବାରବାଟୀ ପ୍ରଭୃତି ସ୍ଥାନରେ ଡୋର କ୍ୟାମ୍ପେନିଂ ସହ ବୈଠକ ଓ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଚାର କାର୍ଯ୍ୟରେ ପ୍ରାର୍ଥୀ ଶ୍ରୀ ଦତ୍ତଙ୍କ ସମେତ ଧାମନଗରର ବିଜେପି ବିଧାୟକ ବିଷ୍ଣୁ ସେଠୀ, ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଂଗଠକ ବିପିନ ବିହାରୀ ଦାସ, ଜିଲ୍ଲା ମିଡିଆ ପ୍ରଭାରୀ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପାତର ଅନ୍ତର ନୀତିର ଉର୍ଦ୍ଧ୍ୱରେ ରହି ସମସ୍ତ ସରକାରୀ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉପରେ ବକ୍ତାମାନେ କହିଥିଲେ। ସଂଧ୍ୟାରେ ରାଣୀପାଟଣାଠାରେ ଆୟୋଜିତ ଏକ ନିର୍ବାଚନୀ ସଭା ଓ କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପ୍ରାର୍ଥୀ ଶ୍ରୀ ଦତ୍ତ, ବିଜେପି ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ସୀତାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବିଜେଡି ସରକାରରେ ବୃଦ୍ଧି ପାଇଥିବା ଦୁର୍ନୀତି ଓ ପ୍ରତିଟି ଯୋଜନାରେ ହେଉଥିବା ପାତରଅନ୍ତ ନୀତିରୁ ଉପେକ୍ଷିତ ଲୋକଙ୍କୁ ରକ୍ଷା କରିବାକୁ ଏକମାତ୍ର ପ୍ରାର୍ଥୀ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ସୁପୁତ୍ର ମାନସ ଦତ୍ତଙ୍କୁ ଭୋଟ ଦେବା ପାଇଁ ସମସ୍ତେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ଦାସ ସଭାପତିତ୍ୱ କରିଥିଲେ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୭୮ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୮।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୦୧ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ୨୯ ଓ୍ୱାର୍ଡ଼ରେ ବିଜୁ ମହିଳା ଜନତା ଦଳର ନର୍ବାଚନୀ ସଭା

ବାଲେଶ୍ୱର,୧୮।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ମହିଳା ଜନତା ଦଳର ଏକ ଆଞ୍ଚଳିକ ସମ୍ମିଳନୀ ଓ ନିର୍ବାଚନୀ ସଭା ୨୯ ନଂ ଓ୍ୱାର୍ଡ଼ରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଂଜ ଜିଲ୍ଲା ଉଦଳାର ପୂର୍ବତନ ବିଧାୟକ ତଥା ୨୯ ନଓ୍ୱାର୍ଡ଼ର ବିଜେଡି ପ୍ରଭାରୀ ଶ୍ରୀନାଥ ସୋରେନ୍ ଏଥିରେ ଅଧ୍ୟକ୍ଷତା କରିବା ସହିତ ଆସନ୍ତା ସଦର ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ଜିତାଇବାର ବିଭିନ୍ନ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳା ସଶକ୍ତିକରଣ ନୀତି ଓ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଭୋଟରଙ୍କୁ ଅବଗତ କରିବା ପାଇଁ ଶ୍ରୀ ସୋରେନ୍ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଉମିଲତା ଦାସ, ପୂର୍ବତନ ପୌରପାଳ ଆଲୋକ ସାହୁ, ବିଜେଡି ଜିଲ୍ଲା ମହିଳା ନେତ୍ରୀ ରଂଜିତା ମହାପାତ୍ର, ପୂର୍ବତନ କାଉନସିଲର ଅନୁପ ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ସାହୁ, ସୁଦୀପ୍ତ ପିଟର ପ୍ରମୁଖ ଏଥିରେ ଯୋଗଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ଜିତାଇବା ପାଇଁ ତୃଣମୂଳସ୍ତରରୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ଶ୍ରୀ ସୋରେନ୍‌ଙ୍କ ସହଯୋଗୀ ଶଶଧର ମଲ୍ଲିକ୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୮।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୨୮୩ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୫,୯୪୪ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୭୮୭, ବାଲେଶ୍ୱର ଜିଲ୍ଲାରେ ୯୩୩୭, ବରଗଡ ଜିଲ୍ଲାରେ ୭୯୯୬, ଭଦ୍ରକ ଜିଲ୍ଲାରେ ୬୨୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୮୫୮. ବୌଦ୍ଧ ଜିଲ୍ଲାରେ ୨୩୬୮, କଟକ ଜିଲ୍ଲାରେ ୨୪,୨୮୨, ଦେବଗଡ ଜିଲ୍ଲାରେ ୯୧୦, ଢେଙ୍କାନାଳ ଜିଲ୍ଲାରେ ୪୬୨୮. ଗଜପତି ଜିଲ୍ଲାରେ ୩୭୬୫, ଗଂଜାମ ଜିଲ୍ଲାରେ ୨୦୮୨୫ , ଜଗତସିଂହପୁର ଜିଲ୍ଲାରେ ୬୫୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୦୧୪୨, ଝାରସୁଗୁଡା ଜିଲ୍ଲାରେ ୫୭୭୩, କଳାହାଣ୍ଡି ଜିଲ୍ଲାରେ ୪୫୩୦, କନ୍ଧମାଳ ୫୩୫୪, କେନ୍ଦ୍ରାପଡା ଜିଲ୍ଲାରେ ୬୭୪୮, କେନ୍ଦୁଝର ଜିଲ୍ଲାରେ ୫୫୩୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୯୧୦ , ମାଲକାନଗିରି ଜିଲ୍ଲାରେ ୪୪୫୩, ମୟୁରଭଂଜ ଜିଲ୍ଲାରେ ୧୦୨୫୨. ନବରଙ୍ଗପୁର ଜିଲ୍ଲାରେ ୪୭୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୬୦୪, ନୂଆପଡା ଜିଲ୍ଲାରେ ୪୭୬୫ , ପୁରୀ ଜିଲ୍ଲାରେ ୧୧,୭୭୧, ରାୟଗଡା ଜିଲ୍ଲାରେ ୭୯୧୫. ସମ୍ବଲପୁର ଜିଲ୍ଲାରେ ୭୫୨୧ . ସୁବର୍ଣ୍ଣପୁର ଜିଲ୍ଲାରେ ୪୦୯୦ ଓ ସୁନ୍ଦରଗଡ ଜିଲ୍ଲାରେ ୯୭୪୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୯୬୪ ହୋଇଛି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo